ନିର୍ଭୀକ ଆମ

R.N.I. REGD. NO: ORORI/25/A2124

# ସମବାୟ ସମ୍ବାଦ

NIRBHIKA AMA SAMABAYA SAMBAD

●Vol -1 ●Issue - 7 ●March 16 - 31, 2026 ●Bhubaneswar ●Rs. 5 ●Pages - 08 ●Fortnightly

●ଭାଗ-୧ ●ସଂଖ୍ୟା-୭ ● ମାର୍ଚ୍ଚ ୧୬ - ୩୧, ୨୦୨୬ ●ଭୁବନେଶ୍ୱର ●ମୂଲ୍ୟ ୫.୦୦ ଟଙ୍କା ●ପୃଷ୍ଠା ସଂଖ୍ୟା -୦୮ ●ପାକ୍ଷିକ


# ରାଜ୍ୟ ଗୃହ ନିର୍ମାଣ ସମବାୟ ନିଗମରୁ ଖାଇଗଲେ କୋଟି କୋଟି ଟଙ୍କା

## ହଜମ କରିବାକୁ ଖୋଜା ଚାଲିଛି ଗଳାବାଟ

- ତଦନ୍ତକୁ ନେଇ ଉଠୁଛି ପଡୁଛି ନିଗମ
- ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ ଠପ୍
- ପରିଚାଳନା କମିଟିକୁ କିଏ କରୁଛି ଭଣ୍ଡୁର
- ଗିରଫ ଦାବି ନେଇ ଆସିଲା ତଦନ୍ତ ରିପୋର୍ଟ




ଭୁବନେଶ୍ୱର (ସମବାୟ ସମ୍ବାଦ ବ୍ୟୁରୋ): କିଏ ତେଲ ବିଲ୍ କରି ଟଙ୍କା ହରିଲୁଟ୍ କରୁଛି ତ ପୁଣି କିଏ ଜମି କାରବାର କରି କୋଟିପତି ହେଉଛି । ପୁଣି ହଜମ କରିବାକୁ ବି ବାଟ ଖୋଜୁଛି । ଏମିତି ଏକ ଘଟଣା ରାଜ୍ୟ ଗୃହ ନିର୍ମାଣ ସମବାୟ ନିଗମରେ ଦେଖିବାକୁ ମିଳିଛି । ନିଗମର ୧୫ ଜଣ ସଦସ୍ୟଙ୍କ ଲିଖିତ ଅଭିଯୋଗରେ ୩ ଜଣ କର୍ମଚାରୀଙ୍କ ନାଁ ସାମ୍ନାକୁ ଆସିଛି । ସେମାନେ ହେଲେ ଶ୍ରୀ ଅନିଲ କୁମାର ନାୟକ, ଶ୍ରୀ ସୌମେନ୍ଦ୍ର ପଟ୍ଟନାୟକ ଓ ଶ୍ରୀ କେଲୁ ଚରଣ ଦାସ । କେବଳ ଏତିକି ନୁହେଁ ଶ୍ରୀମତୀ ବିଜୟଲକ୍ଷ୍ମୀ ମହାପାତ୍ର ନିଜକୁ ଚେୟାରମ୍ୟାନ ଇନଚାର୍ଜ କହି ଜମି ବିକ୍ରୟ ନାଁରେ କୋଟି କୋଟି ଟଙ୍କା ଲୁଟ୍ କରିଥିବା ଜଣାପଡିଛି । ଶ୍ରୀମତୀ ସ୍ୱାତୀବାଳା ମହାପାତ୍ରଙ୍କ କହିବା ଅନୁସାରରେ ଭିଜିଲାନ୍ସ ଯିଦି ସଠିକ୍ ତଦନ୍ତ କରିବ ତେବେ ଆହୁରି ଅନେକ ବ୍ୟକ୍ତି ବିଶେଷଙ୍କ ନାଁ ସାମ୍ନାକୁ ଆସିବ । ମ୍ୟାନେଜର ଇନଚାର୍ଜ ଶ୍ରୀ ଅନିଲ କୁମାର ନାୟକ ଓ ଜେନାରାଲ ମ୍ୟାନେଜର ସୌମେନ୍ଦ୍ର ପଟ୍ଟନାୟକ ତେଲ ବିଲ୍ କରି ୧ ଲକ୍ଷ ୮୦ ହଜାର ଟଙ୍କା ଠକେଇ କରିଥିବା ଅଭିଯୋଗ ହେଉଛି । ସେମାନଙ୍କ ଠାରୁ ଏହି ଟଙ୍କା କିଭଳି ଭାବରେ ଆଦାୟ କରାଯିବା ସହ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ତଦନ୍ତ ରିପୋର୍ଟରେ ଉଲ୍ଲେଖ ରହିଛି ।

ସୂଚନା ଅନୁସାରେ ଫେବୃଆରୀ ୬ରେ ତଦନ୍ତ ସମାପ୍ତ ହୋଇଥିଲେ ମଧ୍ୟ ଏହି ଖବରକୁ ଲୋକ ଲୋଚନକୁ ନ ଆଣିବାରୁ ସମବାୟ ନିବନ୍ଧକ କାର୍ଯ୍ୟାଳୟର କିଛି ବରିଷ୍ଠ ଅଧିକାରୀଙ୍କୁ ଚାପ ପକାଯାଇଥିଲା । ଯାହାକି ଶ୍ରୀ କୃଷ୍ଣଚନ୍ଦ୍ର ଦାସ (ଜେଆରସିଏସ) ନାଁ ଚର୍ଚ୍ଚା ହେଉଥିବା ବେଳେ ମୋଟା ଅଙ୍କର ଅର୍ଥ କାରବାର ହୋଇଥିବା ଅଭିଯୋଗ ହେଉଛି । ଏନେଇ ରାଜ୍ୟ ସମବାୟ ବିଭାଗ ତଦନ୍ତ ରିପୋର୍ଟକୁ ତରବରିଆ ଭାବରେ ଆରସିଏସ ଓଡ଼ିଶାକୁ ପଠାଇ ଦେଇଛି । ଏଭଳି ଗୁରୁତ୍ୱପୂର୍ଣ୍ଣ ଘଟଣାକୁ ପର୍ଦ୍ଦାଫାଶ ନ କରିବାରୁ ସମବାୟ ମହଲରେ ଚର୍ଚ୍ଚା ଜୋର ଧରିଛି । ଆସନ୍ତା ଚଳିତ ମାସ ୧୬ ତାରିଖରେ ହେବାକୁ ଯାଉଥିବା ପରିଚାଳନା କମିଟି ବୈଠକରେ ସମବାୟ ସଚିବଙ୍କ ଆଦେଶକୁ ବିରୋଧ କରି ଶ୍ରୀମତୀ ଗାୟତ୍ରୀ ପଟ୍ଟନାୟକଙ୍କୁ ପଦରୁ ହଟାଇବା ପାଇଁ ଚର୍ଚ୍ଚା ହେଉଛି । ଏଭଳି ଘଟଣାକୁ ନାଲିଫିତା ତଳେ ଚାପି ଦେବାକୁ ଉଦ୍ୟମ କରିବା ଯୋଜନା ପ୍ରଶାସନୀକ ମହଲରେ ଆଲୋଚନାର ବିଷୟ ପାଲିଟିଛି । ଏହି ପରିପ୍ରେକ୍ଷୀରେ ସରକାରଙ୍କ ନିଯୁକ୍ତ ଅଫିସରକୁ ମଧ୍ୟ ବିରୋଧ କରାଯାଇଛି । ଯାହାକି ତଦନ୍ତ ରିପୋର୍ଟ ଆସିବା ପରେ ଜଣାପଡିବ । ଏନେଇ ଇଓଡବ୍ଲୁ ଓ ଏସପିଙ୍କ ସହ ସମବାୟ ସଚିବ କିଛି ଆଲୋଚନା ହେଉଥିବା ଜଣା ପଡିଛି । ହେଲେ କେଉଁ ପ୍ରସଙ୍ଗକୁ ନେଇ ଆଲୋଚନା ହେଉଛି ତାହା ଜଣା ପଡିନାହିଁ । ଆଗାମୀ ଦିନରେ ଏକ ବଡ ଧରଣରେ ହଟଚମଟ ହେବ ବୋଲି ସୂଚନା ମିଳୁଛି । ଏନେଇ ସମବାୟ ବିଭାଗ ପକ୍ଷରୁ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ବିରୋଧରେ କଠୋର ରୁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ତଦନ୍ତ କରାଯିବ । ନାଁ ସମବାୟ ବିଭାଗର ଅଧିକାରୀ କିଛି ହାତଗୁଞ୍ଜା ନେଇ ଘଟଣାକୁ ଚାପିଦେବାକୁ ଉଦ୍ୟମ କରିବେ ତାହା ସମବାୟ ମହଲରେ ଆଲୋଚନାର ବିଷୟ ପାଲଟିଛି ।

## ରାଜ୍ୟ ଗୃହ ନିର୍ମାଣ ସମବାୟ ନିଗମ ଅଫିସରେ ଝୁଲୁଛି ତାଲା




### ମହଙ୍ଗା ପଡ଼ିଲା ରାଜ୍ୟ ସମବାୟ ବିଭାଗ ନିଷ୍ପତ୍ତିକୁ ବିରୋଧ କରିବା

ଭୁବନେଶ୍ୱର (ସମବାୟ ସମ୍ବାଦ ବ୍ୟୁରୋ): ରାଜ୍ୟ ସମବାୟ ବିଭାଗର ନିର୍ଦ୍ଦେଶକୁ ଅମାନ୍ୟ କରିବା ଶେଷରେ ମହାଙ୍ଗା ପଡିଥିବା ଖବର ମିଳିଛି । ମିଳୁଥିବା ସୂଚନା ଅନୁଯାୟୀ, ଆଜି ରାଜ୍ୟ ଗୃହ ନିର୍ମାଣ ସମବାୟ ନିଗମର ପରିଚାଳନା କମିଟି ବୈଠକ ଡାକାଯାଇଥିଲା । ବୈଠକର ମୁଖ୍ୟ ଏଜେଣ୍ଡା ଥିଲା ରାଜ୍ୟ ସମବାୟ ବିଭାଗ କମିଶନରଙ୍କ ଆଦେଶକୁ ରଦ୍ଦ କରିବା ।କିନ୍ତୁ ଏହା ପୂର୍ବରୁ, ନିଗମର ସମସ୍ତ କର୍ମଚାରୀ ରାଜ୍ୟ ସମବାୟ ବିଭାଗର ନିର୍ଦ୍ଦେଶକୁ ସମ୍ମାନ ଜଣାଇ ସମୂହ ଛୁଟିରେ ଯିବାକୁ ନିଷ୍ପତ୍ତି ନେଇଥିବା ସୂଚନା ମିଳିଛି । ଏହି ନିଷ୍ପତ୍ତି ସମ୍ବନ୍ଧରେ ଶନିବାର ଦିନ ରାଜ୍ୟ ସମବାୟ ବିଭାଗର କମିଶନର-କମ୍-ପ୍ରିନ୍ସିପାଲ ସେକ୍ରେଟାରୀ ଶ୍ରୀ ରାଜେଶ ପ୍ରଭାକର ପାଟିଲ, ଓଇଝ ଙ୍କୁ ଅବଗତ କରାଯାଇଥିବା ଜଣାପଡିଛି ।ଫଳସ୍ୱରୂପ ଆଜି କୌଣସି କର୍ମଚାରୀ କାର୍ଯ୍ୟାଳୟକୁ ନ ଆସିବାରୁ ଅଫିସରେ ତାଲା ଝୁଲୁଥିବା ଦେଖାଯାଇଛି । ଏହି ପରିସ୍ଥିତିରେ ପରିଚାଳନା କମିଟି ବୈଠକ ଡାକିଥିବା ଭଏସ୍ ଚେୟାରମ୍ୟାନ୍ ଶ୍ରୀମତୀ ବିଜୟଲକ୍ଷ୍ମୀ ମହାପାତ୍ର ଶେଷରେ ବିବାଦର କେନ୍ଦ୍ରବିନ୍ଦୁରେ ପଡିଥିବା ଖବର ଆସୁଛି ।ଗୃହ ନିର୍ମାଣ ସମବାୟ ନିଗମର ଜଣେ ବରିଷ୍ଠ ସଦସ୍ୟ ନାମ ଗୋପନ ରଖି କହିଛନ୍ତି ଯେ, ପ୍ରାଥମିକ ସମବାୟ ସମିତିରୁ ପଦତ୍ୟାଗ କରିଥିବା ଜଣେ ବ୍ୟକ୍ତି କିପରି ଏପରି ବୈଠକ ଡାକିବା ପାଇଁ ନିଷ୍ପତ୍ତି ନେଲେ, ସେଥି ପ୍ରତି ଗଭୀର ପ୍ରଶ୍ନ ଉଠୁଛି ।ଏହି ସମସ୍ୟା ସମ୍ପର୍କିତ ମାମଲା ମାନ୍ୟବର ହାଇକୋର୍ଟରେ ବିଚାରାଧୀନ ଥିବାରୁ ରାଜ୍ୟ ଗୃହ ନିର୍ମାଣ ସମବାୟ ନିଗମର ଭବିଷ୍ୟତ୍ ଏବେ ଅନିଶ୍ଚିତତାରେ ରହିଛି । ତେଣୁ ନିଗମ ସମ୍ପର୍କିତ ତଦନ୍ତ ରିପୋର୍ଟ ଆଧାରରେ ତୁରନ୍ତ ରଙ୍ଡ / ଭିଜିଲାନ୍ସ ତଦନ୍ତ ନିର୍ଦ୍ଦେଶ ଦେବାକୁ ରାଜ୍ୟ ସମବାୟ ବିଭାଗ କୁ ବିଭିନ୍ନ ମହଲ ରୁ ଦାବି କରାଯାଇଛି ।

## ୫୪,୯୨୬ କୋଟିର ପୁଞ୍ଜିନିବେଶକୁ କେନ୍ଦ୍ର କ୍ୟାବିନେଟ୍ ଅନୁମୋଦନ

ନୂଆଦିଲ୍ଲୀ: ଦେଶରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ୫୪,୨୯୬ କୋଟି ଟଙ୍କା ବ୍ୟୟ କରାଯିବ । ଏଥି ପାଇଁ ଆଜି କେନ୍ଦ୍ର କ୍ୟାବିନେଟ୍ ଅନୁମୋଦନ ପ୍ରଦାନ କରିଛି । ଅନୁମୋଦନ ଲାଭ କରିଥିବା ପ୍ରକଳ୍ପଗୁଡ଼ିକ ମଧ୍ୟରେ ଜଳ ବିଦ୍ୟୁତ୍ ପ୍ରକଳ୍ପଠାରୁ ଆରମ୍ଭ କରି ଜାତୀୟ ରାଜପଥ, ଶିଳ୍ପ ପାର୍କ ଇତ୍ୟାଦି ରହିଛି । ଏହି ଅନୁମୋଦନ ରାଶିର ଏକ ବଡ଼ ଭାଗ ଭାରତ ଔଦ୍ୟୋଗୀକ ବିକାଶ ଯୋଜନାରେ ଶିଳ୍ପ ବିକାଶ ପାଇଁ ଖର୍ଚ୍ଚ କରାଯିବ ବୋଲି କ୍ୟାବିନେଟ କମିଟି ନିଷ୍ପତ୍ତି ନେଇଛି । ଏହି ଯୋଜନାରେ ଦେଶରେ ୧୦୦ଟି ଶିଳ୍ପ ପାର୍କର ବିକାଶ କରାଯିବ । ଶିଳ୍ପ



ପାର୍କଗୁଡ଼ିକ ସଂପୃକ୍ତ ରାଜ୍ୟ ତଥା ନିକଟବର୍ତ୍ତୀ ଅଞ୍ଚଳରେ ଶିଳ୍ପ ବିକାଶକୁ ତ୍ୱରାନ୍ୱିତ କରିବା ସହିତ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରି ପାରିବେ । ସେହିପରି କପାଚାଷୀଙ୍କ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ ବାବଦକୁ ୧୧,୭୧୨ କୋଟି ଟଙ୍କାର ପ୍ରସ୍ତାବକୁ ଅନୁମୋଦନ ମିଳିଛି । ୯୨୭ ନମ୍ବର ଜାତୀୟ ରାଜପଥର ଚାରି ଲେନ୍ କାର୍ଯ୍ୟ ପାଇଁ ୬୯୬୯ କୋଟି ଟଙ୍କାର ଅନୁମୋଦନ ମିଳିଛି । ଦେଶରେ କ୍ଷୁଦ୍ର ଜଳ ବିଦ୍ୟୁତ୍ ଉତ୍ପାଦନ ପ୍ରକଳ୍ପ ଗୁଡ଼ିକ ପାଇଁ ୨୫୮୫ କୋଟି ଟଙ୍କା ବିନିଯୋଗ କରିବାକୁ ଅନୁମୋଦନ ପ୍ରଦାନ କରାଯାଇଛି ।







# ସମବାୟ କ୍ଷେତ୍ରରେ ସୁଶାସନ, ସ୍ୱଚ୍ଛତା ଓ ଗ୍ରାମୀଣ ବିସ୍ତାରଣ ପାଇଁ ବଡ଼ ସୁପାରିଶ୍

## ଚରଣଜିତ୍ ସିଂହ ଚନ୍ନୀଙ୍କ ଅଧ୍ୟକ୍ଷତାରେ ସଂସଦୀୟ ସ୍ଥାୟୀ କମିଟିର ରିପୋର୍ଟ ଲୋକସଭା ଓ ରାଜ୍ୟସଭାରେ ଉପସ୍ଥାପିତ

ଚରଣଜିତ୍ ସିଂହ ଚନ୍ନୀଙ୍କ ଅଧ୍ୟକ୍ଷତାରେ ସଂସଦୀୟ ସ୍ଥାୟୀ କମିଟି ସମବୀୟ କ୍ଷେତ୍ରରେ ସୁଶାସନ, ସ୍ୱଚ୍ଛତା ଓ ଗ୍ରାମୀଣ ସ୍ତରରେ ବିସ୍ତାରଣ ପାଇଁ ଏକାଧିକ ଗୁରୁତ୍ୱପୂର୍ଣ୍ଣ ସୁପାରିଶ୍ ପ୍ରଦାନ କରିଛି। ସହକାରୀ ମନ୍ତ୍ରଣାଳୟର ୨୦୨୬-୨୭ ଆର୍ଥିକ ବର୍ଷ ଅନୁଦାନ ଦାବି ଉପରେ ପ୍ରସ୍ତୁତ ଏହି ରିପୋର୍ଟ ସୋମବାର ଲୋକସଭାରେ ଉପସ୍ଥାପିତ ହୋଇଥିବା ସହିତ ରାଜ୍ୟସଭାର ଟେବୁଲ୍‌ରେ ରଖାଯାଇଛି। କମିଟି ଉଲ୍ଲେଖ କରିଛି ଯେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ସହକାରୀ ମନ୍ତ୍ରଣାଳୟକୁ ଟ. ୧,୭୪୪.୭୪ କୋଟି ଟଙ୍କା ବରାଦ କରାଯାଇଛି, ଯାହା ୨୦୨୫-୨୬ ବର୍ଷର ବଜେଟ୍ ଅନୁମାନ ଟ. ୧,୧୮୬.୨୯ କୋଟି ଠାରୁ ଅଧିକ। ଏହି ବୃଦ୍ଧିପ୍ରାପ୍ତ ଅନୁଦାନର ସର୍ବୋତ୍ତମ ଉପଯୋଗ ପାଇଁ ମନ୍ତ୍ରଣାଳୟକୁ ଦେଶବ୍ୟାପୀ ସହକାରୀ କାର୍ଯ୍ୟକ୍ରମଗୁଡ଼ିକୁ ମଜବୁତ୍ କରିବାକୁ କମିଟି ପରାମର୍ଶ ଦେଇଛି।

### ସମବାୟ ନିର୍ବାଚନ ପାଇଁ ଜାତୀୟ ଫ୍ରେମୱର୍କ ଗଠନର ସୁପାରିଶ୍

କମିଟିର ଏକ ମୁଖ୍ୟ ସୁପାରିଶ୍ ସମବାୟ ନିର୍ବାଚନ ସମ୍ପର୍କିତ। କେତେକ କ୍ଷେତ୍ରରେ ନିର୍ବାଚନ ବିଳମ୍ବ ଓ ନିର୍ବାଚିତ ବୋର୍ଡଗୁଡ଼ିକର ଦୀର୍ଘକାଳୀନ ସୁପରସେସନ୍ ହେବା ସହକାରୀ ଆନ୍ଦୋଳନର ମୂଳ ନୀତି 'ଗଣତାନ୍ତ୍ରିକ ସଦସ୍ୟ ନିୟନ୍ତ୍ରଣକୁ' ପ୍ରଭାବିତ କରୁଥିବା କମିଟି ଲକ୍ଷ୍ୟ କରିଛି। ତେଣୁ ସରକାରଙ୍କୁ ଏକ ଜାତୀୟ ସହକାରୀ ନିର୍ବାଚନ ଶାସନ ଫ୍ରେମୱର୍କ ପ୍ରସ୍ତୁତ କରିବାକୁ ଓ ରାଜ୍ୟଗୁଡ଼ିକୁ ସ୍ୱାଧୀନ 'ସମବାୟ ନିର୍ବାଚନ ପ୍ରାଧିକରଣ' ଗଠନ କରିବାକୁ ପରାମର୍ଶ ଦିଆଯାଇଛି। ମଲ୍ଟି-ଷ୍ଟେଟ୍ ସମବାୟ ସମିତି ଆଇନ୍ ୨୦୦୨ ଅଧୀନରେ ପରିଚାଳିତ ସମବାୟ ସମିତିମାନଙ୍କ ପାଇଁ ଏକ ସ୍ଥାୟୀ, ସ୍ୱାଧୀନ ଓ ବୃତ୍ତିଗତ ନିର୍ବାଚନ ବ୍ୟବସ୍ଥା ଗଠନ କରି ନିର୍ବାଚନ ସ୍ୱଚ୍ଛ ଓ ସମୟସୀମା ମଧ୍ୟରେ କରିବାକୁ କମିଟି ସୁପାରିଶ୍ କରିଛି।

### ୯୦,୦୦୦ ନୂଆ ଏମ୍-ପିଏସିଏସ୍ ଗଠନ ପାଇଁ ତାଲିମ୍ ଯୋଜନାକୁ ପ୍ରାଥମିକତା

ମଲ୍ଟିପର୍ପଜ୍ ପ୍ରାଇମାରୀ ଏଗ୍ରିକଲ୍ଚରାଲ୍ କ୍ରେଡିଟ୍ ସୋସାଇଟି (ଏମ୍-ପିଏସିଏସ୍) ଗଠନ ଓ ତାଲିମ୍ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ କମିଟି ଜୋର୍ ଦେଇଛି। ଚାରି ବର୍ଷ ମଧ୍ୟରେ ୯୦,୦୦୦ ନୂଆ ଏମ୍-ପିଏସିଏସ୍ ଗଠନ ପାଇଁ ପ୍ରସ୍ତାବିତ ସମବାୟ ତାଲିମ୍ ଯୋଜନାକୁ ପ୍ରାଥମିକତା ଦେବା ସହ ସାମାଜିକ ସଂଗଠନ, ରେଜିଷ୍ଟ୍ରେସନ୍ ଓ କ୍ଷମତା ବୃଦ୍ଧି ପାଇଁ ସମର୍ଥନ ଦେବାକୁ ପରାମର୍ଶ ଦିଆଯାଇଛି।

### ଜାତୀୟ ସମବାୟ କାର୍ଯ୍ୟକ୍ରମର ପ୍ରଶଂସା

ଜାତୀୟ ସମବାୟ ଅର୍ଗାନିକ୍ ଲିମିଟେଡ୍ ଦ୍ୱାରା 'ଭାରତ ଅର୍ଗାନିକ୍ସ' ବ୍ରାଣ୍ଡ୍ ମାଧ୍ୟମରେ ଜୈବିକ ଉତ୍ପାଦ ପ୍ରଚାରରେ ପ୍ରଶଂସନୀୟ ଭୂମିକା ପାଇଁ କମିଟି ପ୍ରଶଂସା କରିଛି। ଏହି ସଂଗଠନ ୧୧,୦୦୦ରୁ ଅଧିକ ସମବାୟ ସମିତିଙ୍କୁ ସଦସ୍ୟ କରିଛି, ୨୯ଟି ଉତ୍ପାଦ ଲଞ୍ଚ କରିଛି ଓ ଦିଲ୍ଲୀ ଏନ୍‌ସିଆର୍ ଓ ବେଙ୍ଗାଲୁରୁରେ ରିଟେଲ୍ ବିସ୍ତାର କରିଛି। ସଦସ୍ୟତ୍ୱ ବୃଦ୍ଧି ଓ ସାର୍ଟିଫିକେସନ୍ ପ୍ରକ୍ରିୟାକୁ ସରଳ କରିବାକୁ କମିଟି ପରାମର୍ଶ ଦେଇଛି। ଏକାଧିକ ସମବାୟ ଏକ୍ସପୋର୍ଟ୍ ଲିମିଟେଡ୍ ମଧ୍ୟ ୧୩,୯୦୦ ସମବାୟ ସମିତିଙ୍କୁ ଅନ୍‌ବୋର୍ଡ୍ କରି ୪୦ଟି କୃଷି ଉତ୍ପାଦକୁ ୨୯ଟି ଦେଶକୁ ରପ୍ତାନି କରିଥିବାରୁ କମିଟି ପ୍ରଗତିର ପ୍ରଶଂସା କରିଛି। ଅଧିକ ରାଜ୍ୟ ଓ ସମବାୟଙ୍କୁ ଯୋଡ଼ିବା ସହ ତାଲିମ୍ ଓ ଇନ୍‌ଫ୍ରାସ୍ଟ୍ରକ୍ଚର୍ ମାଧ୍ୟମରେ ରପ୍ତାନି କ୍ଷମତା ବୃଦ୍ଧି କରିବାକୁ ପରାମର୍ଶ ଦିଆଯାଇଛି।

### କର ରିହାତି ଓ ଅନ୍ୟାନ୍ୟ ସୁପାରିଶ୍

ସମବାୟ ସମିତିଗୁଡ଼ିକ ପାଇଁ ସର୍ଚାର୍ଜ୍ ଓ ମିନିମମ୍ ଆଲଟର୍ନେଟ୍ ଟ୍ୟାକ୍ସ ହ୍ରାସ ସହ ନଗଦ ଜମା, ପେମେଣ୍ଟ ଓ ଉତ୍ତୋଳନ ସୀମା ବୃଦ୍ଧି କରିବା ଭଳି ସମ୍ପ୍ରତି କର ରିହାତି ପଦକ୍ଷେପକୁ କମିଟି ସ୍ୱାଗତ କରିଛି। ଏହା ବ୍ୟତୀତ କୃଷି ଓ ଗ୍ରାମୀଣ ବିକାଶ ବ୍ୟାଙ୍କଗୁଡ଼ିକର କମ୍ପ୍ୟୁଟରାଇଜେସନ୍ ତ୍ୱରାନ୍ୱିତ କରିବା, ଡେୟାରୀ ସମବାୟମାନଙ୍କୁ ମଜବୁତ୍ କରି କୃଷକଙ୍କୁ ଉତ୍ତମ ମୂଲ୍ୟ ପ୍ରଦାନ ଓ 'ସହକାର-ସେ-ସମୃଦ୍ଧି' ଦର୍ଶନ ଅନୁଯାୟୀ ପ୍ରତ୍ୟେକ ଗ୍ରାମରେ ମଲ୍ଟିପର୍ପଜ୍ ପିଏସିଏସ୍, ଡେୟାରୀ ଓ ମତ୍ସ୍ୟ ସହକାରୀମାନଙ୍କ ବିସ୍ତାର କରିବାକୁ କମିଟି ଆହ୍ୱାନ କରିଛି।

# ୧୧ଟି ଜିଲ୍ଲାରେ ୨୩ଟି ଶିଳ୍ପ ପ୍ରକଳ୍ପକୁ ମଞ୍ଜୁରୀ

ଭୁବନେଶ୍ୱର:ମଙ୍ଗଳବାର ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୧୪୫ତମ ରାଜ୍ୟସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି (**SLSWCA**) ବୈଠକରେ ୨୩ଟି ଶିଳ୍ପ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଏହି ପ୍ରକଳ୍ପଗୁଡ଼ିକ ମାଧ୍ୟମରେ ରାଜ୍ୟରେ ମୋଟ ୪,୫୧୦.୬୫ କୋଟି ଟଙ୍କାର ପୁଞ୍ଜିନିବେଶ ହେବ। ଏହାଦ୍ୱାରା ପ୍ରାୟ ୧୦,୧୨୨ ଜଣଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଆଶା କରାଯାଉଛି। ଏହି ପ୍ରକଳ୍ପଗୁଡ଼ିକ ବାଲେଶ୍ୱର, ବଲାଙ୍ଗୀର, କଟକ, ଜଗତସିଂହପୁର, କଳାହାଣ୍ଡି, କେନ୍ଦୁଝର, ଖୋର୍ଦ୍ଧା, କୋରାପୁଟ, ପୁରୀ, ସମ୍ବଲପୁର ଏବଂ ସୁନ୍ଦରଗଡ଼ ସମେତ ୧୧ଟି ଜିଲାରେ ସ୍ଥାପିତ ହେବ।ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ସବୁ ଜିଲ୍ଲାରେ ଶିଳ୍ପ ସ୍ଥାପନ କରିବା ଉପରେ ଗୁରୁତ୍ୱ ଦେଉଛନ୍ତି। ତାହାକୁ ଦୃଷ୍ଟିରେ ରଖି ଏଥର ବୈଠକରେ ବଲାଙ୍ଗୀର, କଳାହାଣ୍ଡି ଓ କୋରାପୁଟ ଭଳି ପଛୁଆ ଜିଲ୍ଲାରେ ବିଭିନ୍ନ ଶିଳ୍ପ ପ୍ରକଳ୍ପକୁ ଅନୁମୋଦନ ପ୍ରଦାନ କରାଯାଇଛି। ଆଜିର ବୈଠକରେ ଖୋର୍ଦ୍ଧାରେ ସୋନାସିଲେକ୍ସନ ଇଣ୍ଡିଆ ଓ ଆଲ୍‌ଫାଟେକ୍ସ ସ୍ଥାପନ କରିବାକୁ ଥିବା ବୟନ ଓ ଟେକ୍ନିକାଲ୍ ଟେକ୍ସଟାଇଲ୍ ପ୍ରକଳ୍ପକୁ ଅନୁମୋଦନ ମିଳିଛି। ଫାର୍ମା ଓ ମେଡିକାଲ୍ ଡିଭାଇସ୍ କ୍ଷେତ୍ରରେ ଆଲ୍‌ଟିଅସ୍ ଲାଇଫ୍ ପକ୍ଷରୁ କଟକରେ ୨୩୬.୯୦ କୋଟି ଟଙ୍କା ଓ ଶ୍ରୀଜୀ ଇମେଜିଂ ଆଣ୍ଡ୍ ଡାଏଗ୍ନୋଷ୍ଟିକ୍ ତରଫରୁ ଖୋର୍ଦ୍ଧାରେ ୫୩.୫୫ କୋଟି ଟଙ୍କା ନିବେଶ କରାଯିବ। ପାରାଦୀପ ଫସ୍‌ଫେଟ୍‌ସ ଲିମିଟେଡ୍ ଜଗତସିଂହପୁରରେ ୪୨୫ କୋଟି ଟଙ୍କା ନିବେଶରେ ଏକ ସଲ୍‌ଫ୍ୟୁରିକ୍ ଏସିଡ୍ କାରଖାନା ବସାଇବ। ନିଫା ଲିମିଟେଡ୍ ଖୋର୍ଦ୍ଧାରେ ୧୬୪ କୋଟି ଟଙ୍କା ନିବେଶ କରିବାକୁ ଯାଉଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ସବୁ ଜିଲ୍ଲାରେ ଶିଳ୍ପ ସ୍ଥାପନ କରିବା ଉପରେ ଗୁରୁତ୍ୱ ଦେଉଛନ୍ତି। ତାହାକୁ ଦୃଷ୍ଟିରେ ରଖି ଏଥର ବୈଠକରେ ବଲାଙ୍ଗୀର, କଳାହାଣ୍ଡି



ଓ କୋରାପୁଟ ଭଳି ପଛୁଆ ଜିଲ୍ଲାରେ ବିଭିନ୍ନ ଶିଳ୍ପ ପ୍ରକଳ୍ପକୁ ଅନୁମୋଦନ ପ୍ରଦାନ କରାଯାଇଛି। ଆଜିର ବୈଠକରେ ଖୋର୍ଦ୍ଧାରେ ସୋନାସିଲେକ୍ସନ ଇଣ୍ଡିଆ ଓ ଆଲ୍‌ଫାଟେକ୍ସ ସ୍ଥାପନ କରିବାକୁ ଥିବା ବୟନ ଓ ଟେକ୍ନିକାଲ୍ ଟେକ୍ସଟାଇଲ୍ ପ୍ରକଳ୍ପକୁ ଅନୁମୋଦନ ମିଳିଛି। ଫାର୍ମା ଓ ମେଡିକାଲ୍ ଡିଭାଇସ୍ କ୍ଷେତ୍ରରେ ଆଲ୍‌ଟିଅସ୍ ଲାଇଫ୍ ପକ୍ଷରୁ କଟକରେ ୨୩୬.୯୦ କୋଟି ଟଙ୍କା ଓ ଶ୍ରୀଜୀ ଇମେଜିଂ ଆଣ୍ଡ୍ ଡାଏଗ୍ନୋଷ୍ଟିକ୍ ତରଫରୁ ଖୋର୍ଦ୍ଧାରେ ୫୩.୫୫ କୋଟି ଟଙ୍କା ନିବେଶ କରାଯିବ। ପାରାଦୀପ ଫସ୍‌ଫେଟ୍‌ସ ଲିମିଟେଡ୍ ଜଗତସିଂହପୁରରେ ୪୨୫ କୋଟି ଟଙ୍କା ନିବେଶରେ ଏକ ସଲ୍‌ଫ୍ୟୁରିକ୍ ଏସିଡ୍ କାରଖାନା ବସାଇବ। ନିଫା ଲିମିଟେଡ୍ ଖୋର୍ଦ୍ଧାରେ ୧୬୪ କୋଟି ଟଙ୍କା ନିବେଶ କରିବାକୁ ଯାଉଛି। ରାଜ୍ୟରେ ଆଉ ଚାରିଟି ନୂଆ ତାରକା ହୋଟେଲ୍ ପ୍ରକଳ୍ପକୁ ଅନୁମୋଦନ ପ୍ରଦାନ କରାଯାଇଛି। କୋରାପୁଟରେ ଅଗ୍ରବଂଶୀ ପ୍ରାଇଭେଟ୍ ଲିମିଟେଡ୍ ୫୨ କୋଟି ଟଙ୍କା ନିବେଶରେ ଏକ ୪-ତାରକା ହୋଟେଲ୍ ଓ ବଲାଙ୍ଗୀରରେ ସଗୁନ ରିଟ୍ରିଟ୍ ୫୪.୯୪ କୋଟି ଟଙ୍କା ନିବେଶ କରି ଏକ ତିନି ତାରକା ହୋଟେଲ୍ ନିର୍ମାଣ କରିବେ। ଭୁବନେଶ୍ୱରରେ ଆର୍ଯ୍ୟପ୍ରାଇଡ୍ ହୋଟେଲ୍ ଆଣ୍ଡ୍ କନ୍‌ଭେନ୍‌ସନ୍ ୧୫୦.୬୯ କୋଟି ଟଙ୍କା ଓ ଆରମ୍ୟ ପକ୍ଷରୁ ପୁରୀରେ ୬୦ କୋଟି ଟଙ୍କା ନିବେଶରେ ୪-ତାରକା ହୋଟେଲ୍ ନିର୍ମାଣ କରାଯିବ।ସେହିପରି, ଚଲାହ ଇନ୍‌ଫ୍ରାଟେକ୍ ତରଫରୁ ସମ୍ବଲପୁରରେ ୧୭୪.୧୦ କୋଟି ଟଙ୍କାରେ ଏକ ଲଜିଷ୍ଟିକ୍ସ ପାର୍କ, କୋଷ୍ଟାଲ୍ ବାୟୋଟେକ୍ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ କଳାହାଣ୍ଡିରେ ୩୫୦ କୋଟି ଟଙ୍କା ନିବେଶରେ ଏକ ଇଥାନଲ୍ କାରଖାନା ଓ ଅଭିଷେକ କନ୍‌ଟେକ୍ ଇଣ୍ଡିଆ ପକ୍ଷରୁ ଖୋର୍ଦ୍ଧାରେ ୫୫.୦୩ କୋଟି ଟଙ୍କା ନିବେଶରେ ଏକ ପଲିମର ଇନ୍‌ସୁଲେଟର୍ ଉତ୍ପାଦନ କାରଖାନା ସ୍ଥାପନ କରାଯିବ। ନୁଭୋ ଏଅନ୍ ଡାଇମଣ୍ଡ୍ ଆଣ୍ଡ୍ ଜୁଏଲାରି ପକ୍ଷରୁ ଖୋର୍ଦ୍ଧାରେ ଥିବା ଲ୍ୟାବ୍ ପ୍ରସ୍ତୁତ ହୀରା ଗହଣା ଉତ୍ପାଦନ କାରଖାନାର କ୍ଷମତା ସମ୍ପ୍ରସାରଣରେ ୨୪୩.୫୦ କୋଟି ଟଙ୍କା ନିବେଶ କରାଯିବ ବୋଲି ବୈଠକରୁ ଜଣାପଡ଼ିଛି।


# ଏପ୍ରିଲ ୧ରୁ ମହଙ୍ଗା ହେବ FasTag ବାର୍ଷିକ ପାସ୍

ନୂଆଦିଲ୍ଲୀ: ଭାରତୀୟ ରାଷ୍ଟ୍ରୀୟ ରାଜମାର୍ଗ ପ୍ରାଧିକରଣ (ଏନଏଚଏଆଇ) ଜାତୀୟ ରାଜପଥ ପାଇଁ ଊନବିଂଶଶତବଶ ବାର୍ଷିକ ପାସ୍ ଆରମ୍ଭ କରିଥିଲା । ୬ ମାସ ଭିତରେ ୫୦ ଲକ୍ଷରୁ ଅଧିକ ୟୁଜର୍ସ ଆକ୍ଟିଭ କରିଛନ୍ତି । ଏହି ସମୟରେ ୨୬.୫୫ କୋଟିରୁ ଅଧିକ ନେଣଦେଣ ହୋଇଥିବା ପ୍ରାଧୀକରଣ ପକ୍ଷରୁ କୁହାଯାଇଥିଲା । ତେବେ ଗାଡିଚାଳକଙ୍କୁ ଏବେ ବାର୍ଷିକ ପାସ୍ ପାଇଁ ଅଧିକ ଟଙ୍କା ଗଣିବାକୁ ପଡିବ । ଏନଏଚଆଇ କହିଥିଲା ଯେ, ବାର୍ଷିକ ପାସକୁ ଗାଡିଚାଳକ ପସନ୍ଦ କରୁଛନ୍ତି । ଫଳରେ ୟୁଜର୍ସଙ୍କ ସଂଖ୍ୟା ବଢିବାରେ ଲାଗିଥିଲା । ହେଲେ ଏବେ ସେମାନଙ୍କ ପକେଟ୍ ଉପରେ ବୋଝ ପଡିବାକୁ ଯାଉଛି । ଏନଏଚଆଇ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ଏହି ପାସର ମୂଲ୍ୟ ବଢାଇ ୩ ହଜାର ୭୫ ଟଙ୍କା କରିବାକୁ ନିଷ୍ପତ୍ତି ନେଇଛି । ଏହି ନିଷ୍ପତ୍ତି ୨୦୨୬ ଏପ୍ରିଲ ୧ରୁ ଲାଗୁ ହେବ । ବର୍ତ୍ତମାନ ଏହି ପାସର ମୂଲ୍ୟ ୩ ହଜାର ଟଙ୍କା ରହିଛି । ଟୋଲ୍ ଟ୍ୟାକ୍ସ ନିୟମ ରାଷ୍ଟ୍ରୀୟ ରାଜମାର୍ଗ ଉପରେ ଟୋଲ୍ ଶୁଳ୍କ ନିୟନ୍ତ୍ରିତ କରିଥାଏ । FasTag ବାର୍ଷିକ ପାସ୍ ଅଣ କମର୍ସିଆଲ ବାହନ ପାଇଁ ଉଦ୍ଦିଷ୍ଟ । ଏହାର ବ୍ୟବହାର ଭାରତର ଜାତୀୟ ରାଜପଥ ଏବଂ ଏକ୍ସପ୍ରେସୱେରେ ପ୍ରାୟ ୧୧୫୦ ଟୋଲ୍ ପ୍ଲାଜାରେ ବ୍ୟବହାର କରାଯାଉଛି । ଗାଡିରେ ଏକ ଭାଲିଡ ଫାଷ୍ଟ୍ୟାଗ ଲାଗିବା ଜରୁରୀ । ସରକାରୀ ତଥ୍ୟ ଅନୁସାରେ, ୫୬ ଲକ୍ଷରୁ ଅଧିକ ଗାଡି ଚାଳକ ହିଁ ବାର୍ଷିକ ପାସ୍ ପାଇଁ ପଞ୍ଜିକରଣ କରି ସାରିଛନ୍ତି । ତେଣୁ ଆଗାମୀ ଦିନରେ ଗାଡ଼ି ଚାଳକ ମାନଙ୍କୁ ଆଉ ଟୋଲ୍ ପ୍ଲାଜା ସମ୍ମୁଖରେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡିବ ନାହିଁ । ଯାହାକି ସୁବିଧାରେ ଯାତ୍ରୀମାନେ ଯାତାୟତ କରିପାରିବେ ।

# ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ ଆୟୋଜିତ

ଭୁବନେଶ୍ୱର: ଜିଲ୍ଲାର କୃଷି ଓ ଅକ୍ଷନୁସଙ୍ଗିକ କ୍ଷେତ୍ରରେ ସର୍ବାଙ୍ଗୀନ ଉନ୍ନତି କରିବା ଦିଗରେ ପଦକ୍ଷେପ ନେବାର ଲକ୍ଷ୍ୟକୁ ନେଇ, ଢେଙ୍କାନାଳର ୨୨ ତମ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଆୟୋଜିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମ ଆୟୋଜନର ପଦକ୍ଷେପ ହେଲା ଜିଲ୍ଲାର କୃଷି ଓ ଅକ୍ଷନୁସଙ୍ଗିକ କ୍ଷେତ୍ରରେ ସର୍ବାଙ୍ଗୀନ ଉନ୍ନତି କରିବା । ଏହି କାର୍ଯ୍ୟକ୍ରମ ରେ **OUAT** ର ସମ୍ପ୍ରସାରଣ ଅଧ୍ୟକ୍ଷ ପ୍ରଫେସର ପ୍ରସନ୍ନଜିତ ମିଶ୍ର ଅଧ୍ୟକ୍ଷତା କରିଥିଲେକ୍ଷ କଲିକତା ସ୍ଥିତ ଭାରତୀୟ କୃଷି ଅନୁସନ୍ଧାନ ପରିଷଦ **zone – ୫ ATARI** ର ପ୍ରମୁଖ ବୈଜ୍ଞାନିକ ଡ଼ କଲ୍ୟାଣ ସୁନ୍ଦର ଦାସ ଓ କେନ୍ଦ୍ରୀୟ ଉଦ୍ୟାନ କୃଷି ପରୀକ୍ଷଣ କେନ୍ଦ୍ର, ଭୁବନେଶ୍ୱରର ବରିଷ୍ଠ ବୈଜ୍ଞାନିକ ଡ଼ ଦୀପା ସାମନ୍ତ ଆଭାସୀ ମାଧ୍ୟମରେ ଯୋଗଦେଇଥିଲେ । ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଭୁବନେଶ୍ୱର ରୁ ଯୁଗ୍ମ ସମ୍ପ୍ରସାରଣ ଶିକ୍ଷା ଅଧ୍ୟକ୍ଷ ପ୍ରଫେସର ରବିରତ୍ନ ଦାଶ ଓ ମୃତ୍ତିକା ଓ ଜଳ ସଂରକ୍ଷଣ ବିଭାଗ ର ବିଭାଗୀୟ ମୁଖ୍ୟ ପ୍ରଫେସର ସଞ୍ଜୟ କୁମାର ରାଉଳ ଯୋଗଦେଇଥିଲେ । ଉପଦେଷ୍ଟା ମଣ୍ଡଳୀ ର ସମସ୍ତ ସଦସ୍ୟ ଯଥା ଆଞ୍ଚଳିକ ଗବେଷଣା କେନ୍ଦ୍ରର ସହଯୋଗୀ ଗବେଷଣା ଅଧ୍ୟକ୍ଷ ଡ଼ ଦିବ୍ୟ ରଞ୍ଜନ ମିଶ୍ର, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଶ୍ରୀଯୁକ୍ତ ବିଶ୍ୱନାଥ ଦାସ, ମୁଖ୍ୟ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼ ପ୍ରଭାସ କୁମାର ବେହେରା, ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀଯୁକ୍ତ ସନତ ନାୟକ, ଜିଲ୍ଲା ମତ୍ସ୍ୟ ଅଧିକାରୀ ଶ୍ରୀମତୀ ଶୁଭଶ୍ରୀ ଦାସ, ଉଠା ଜଳସେଚନ ନିର୍ବାହୀ ଯନ୍ତ୍ରୀ ଇଂ ବିଜୟ କୁମାର ତରାଇ, ସହ ନିର୍ବାହୀ ଯନ୍ତ୍ରୀ (କୃଷି) ଇଂ ରୋମାନ୍ସ ନାୟକ, ନାବାର୍ଡ ର ଜିଲ୍ଲା ଉନ୍ନୟନ ପରିଚାଳକ ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ଦାସ, କୃଷି ବିଜ୍ଞାନ କେନ୍ଦ୍ର ଅନୁଗୋଳର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ଼ ଦେବାଶିଷ ମିଶ୍ର, କୃଷି ବିଜ୍ଞାନ କେନ୍ଦ୍ର, କଟକର ବୈଜ୍ଞାନିକ ଡ଼ ଦିଲ୍ଲୀପ କୁମାର ଷଡ଼ଙ୍ଗୀ, ଆକାଶବାଣୀ ଯୋରନ୍ଦାର ମୁଖ୍ୟ ଶ୍ରୀ ରାଜୀବ କୁମାର ମାହୁନ୍ତ, ଆଞ୍ଚଳିକ ଶିଳ୍ପ କେନ୍ଦ୍ର, ଢେଙ୍କାନାଳର ପ୍ରତିନିଧି, ଜିଲ୍ଲା କୃଷକ ପ୍ରତିନିଧି ଗଣ ଉକ୍ତ କାର୍ଯ୍ୟକ୍ରମ ରେ ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ । କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବାଜ୍ଞାନିକ ଓ ମୁଖ୍ୟ ଡ଼ଃ ବିମଳେନ୍ଦୁ ମହାନ୍ତି ଆର୍ଥିକ ବର୍ଷ ୨୦୨୫-୨୬ ରେ କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ହୋଇଥିବା କ୍ଷେତ୍ର ପରୀକ୍ଷଣ, କ୍ଷେତ୍ର ପ୍ରଦର୍ଶନ, ତାଲିମ କାର୍ଯ୍ୟକ୍ରମ, ମଞ୍ଜି ଓ ଚାରା ଉତ୍ପାଦନ, ମାଛ ଯାଆଁଳ, କୁକୁଡ଼ା ଚିଆଁ ଉତ୍ପାଦନ, ସମ୍ପ୍ରସାରଣ ପୁସ୍ତିକା ପ୍ରକାଶନ, କୃଷି ମେଳା ଓ ପ୍ରଦର୍ଶନୀ ଆୟୋଜନ ଇତ୍ୟାଦି କାର୍ଯ୍ୟକ୍ରମକୁ ପାୱାର ପଏଣ୍ଟ ମାଧ୍ୟମରେ ଉପସ୍ଥାପନ କରିଥିଲେ । ଆଗାମୀ ଆର୍ଥିକ ବର୍ଷ ୨୦୨୬-୨୭ ରେ କୃଷି ଓ ଆନୁସାଙ୍ଗିକ କ୍ଷେତ୍ରରେ କୃଷି ବିଜ୍ଞାନ କେନ୍ଦ୍ରର ଯୋଜନା ବିଷୟରେ ମଧ୍ୟ ଉପସ୍ଥାପନ କରାଯାଇଥିଲା । ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ମାନେ ଆଲୋଚନାରେ ଅଂଶ ଗ୍ରହଣ କରି ସେମାନଙ୍କର ସୁଚିନ୍ତିତ ମତାମତ ରଖିଥିଲେ । ଆଗାମୀ ଦିନରେ ପ୍ରାକୃତିକ କୃଷି, ମାଣ୍ଡିଆ ଚାଷ ରେ ଯାନ୍ତ୍ରିକରଣ, ଉନ୍ନତ ଜଳସେଚନ ପଦ୍ଧତି, ତୃଣ ନାଶକର ସଠିକ ବ୍ୟବହାର, ଜଳବାୟୁ ପରିବର୍ତ୍ତନ ସହନଶୀଳ କୃଷି ପଦ୍ଧତି ଇତ୍ୟାଦି ଦିଗରେ କୃଷି ବିଜ୍ଞାନ କେନ୍ଦ୍ର କୃଷି ଓ ଅନୁସଙ୍ଗିକ ବିଭାଗ ସବୁ ମିଳିମିଶି କାର୍ଯ୍ୟ କରିବାକୁ ବୈଠକରେ ମତ ପ୍ରକାଶ ପାଇଥିଲାକ୍ଷ ଏହି ଅବସରରେ ଦୁଇଟି ସମ୍ପ୍ରସାରଣ ପୁସ୍ତିକା ଯଥା ସମ୍ମନ୍ୱିତ ମାଛ ଚାଷ ଓ ଉନ୍ନତ ପ୍ରଣାଳୀରେ ରାଶି ଚାଷ ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଶେଷରେ କୃଷି ବିଜ୍ଞାନ କେନ୍ଦ୍ର ର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ସମସ୍ତ ଙ୍କୁ ସେମାନଙ୍କ ଉପସ୍ଥିତି ଓ ସୁଚିନ୍ତିତ ମତାମତ ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଡାକ୍ତର ବାବୁ ଓଡ଼ିଶା ପାଇଁ ପ୍ରେରଣାଦାୟୀ:ରାଜନାଥ





## ତାଙ୍କର ବିନମ୍ରତା ଓ ଅମାୟିକ ଭାବ ଥିଲା ସବୁଠୁ ବଡ଼ ଆକର୍ଷଣ: ମୁଖ୍ୟମନ୍ତ୍ରୀ

### ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ସ୍ମୃତିସଭା

ଭୁବନେଶ୍ୱର: ଡାକ୍ତର ଦେବେନ୍ଦ୍ର ପ୍ରଧାନ ଓଡ଼ିଶା ବିଜେପିର ଭୀଷ୍ମ ପିତାମହ ଥିଲେ। ଆଜି ଓଡ଼ିଶାରେ ବିଜେପିକୁ ଠିଆ କରିବାରେ ଯେଉଁମାନେ ରକ୍ତ ବୁହାଇଛନ୍ତି, ସେମାନଙ୍କ ମଧ୍ୟରେ ଡାକ୍ତର ପ୍ରଧାନଙ୍କ ପ୍ରମୁଖ ଭୂମିକା ଥିଲା। ସେ ଜଣେ ସଚ୍ଚୋଟ ଓ ନିସ୍ୱାର୍ଥପର ରାଜନେତା। ରାଜନୀତିଠାରୁ ଊର୍ଦ୍ଧ୍ୱରେ ରହି କାମ କରୁଥିଲେ। ରାଜନୀତିରେ ବିଶ୍ୱସନୀୟତା ବଜାୟ ରଖିବାରେ ଡାକ୍ତର ପ୍ରଧାନ ଜଣେ ବିରଳ ବ୍ୟକ୍ତିତ୍ୱ। କେନ୍ଦ୍ରମନ୍ତ୍ରୀ ଭାବେ ଓଡ଼ିଆରେ ଶପଥ ଗ୍ରହଣ କରି ସେ ଆଞ୍ଚଳିକ ଭାଷାକୁ ରାଷ୍ଟ୍ରୀୟ ସ୍ତରରେ ସମ୍ମାନର ଯେଉଁ ବହ୍ନି ଜଳାଇଥିଲେ, ତାହା ଆଜି ବି ଅବିସ୍ମରଣୀୟ। ଓଡ଼ିଶା ରାଜନୀତିରେ ତାଙ୍କ ଚିନ୍ତାଧାରା ସର୍ବଦା ଜୀବିତ ରହିବ ବୋଲି କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି। ଆଜି ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଓୟୁଏଟି ସମ୍ମିଳନୀ କକ୍ଷରେ ରାଜ୍ୟସ୍ତରୀୟ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅ ତିଥି ଭାବେ ଯୋଗଦେଇ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ସିଂହ କହିଥିଲେ, ଓଡ଼ିଶାରେ ବିଜେପିକୁ ଆଗକୁ ନେବାକୁ ଡାକ୍ତର ପ୍ରଧାନ ବହୁ ସଂଘର୍ଷ କରିଛନ୍ତି। ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ସମୟରେ ଆମେ ଦୁଇଜଣ ମନ୍ତ୍ରିମଣ୍ଡଳରେ ଥିଲୁ ଓ ଏକାଠି କାମ କରିଛୁ। ସେ ବଡ଼ ଥିଲେ, ଅନେକ କିଛି ତାଙ୍କଠାରୁ ଶିଖିଛି। ତାଙ୍କ ସହ କଥା ହେବା ଓ କିଛି ନୂଆ ଶିଖିବାକୁ ମୁଁ ସର୍ବଦା ବ୍ୟଗ୍ର ଥିଲି। ସେ ଜଣେ ପ୍ରତିଷ୍ଠିତ ଚିକିତ୍ସକ ଥିଲେ। ସମାଜସେବା କ୍ଷେତ୍ରରେ ବି ବହୁ ପ୍ରତିଷ୍ଠା ପାଇଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ, ବିଶେଷ କରି ଓଡ଼ିଶାର ବିକାଶରେ ତାଙ୍କର ଅତୁଳନୀୟ ଅବଦାନ ଥିଲା। ଗାଁ ଗାଁରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବାରେ ନିସ୍ୱାର୍ଥପର କାମ କରୁଥିଲେ। ବିଜେପିର ବିଚାର ଧାରାକୁ ସେ ବୁଝିଥିଲେ ଓ ଗାଁ ଗାଁରେ ଯୁବଗୋଷ୍ଠୀଙ୍କୁ ଏହା ବୁଝାଉଥିଲେ। ରାମ ମନ୍ଦିର ନିର୍ମାଣ ପାଇଁ ଦେଶବ୍ୟାପୀ ଇଟା ସଂଗ୍ରହର ନେତୃତ୍ୱ ନେଇଥିଲେ। କେନ୍ଦ୍ର ସରକାରଙ୍କ ସେ ଅନେକ ଗୁରୁ ଦାୟିତ୍ୱ ସମ୍ଭାଳିଛନ୍ତି। ଜାତୀୟ ରାଜପଥ କଥା ହେଉ କି କୃଷିର ବିକାଶ ଅବା ବନ୍ଦରର ଆଧୁନିକୀକରଣ, ସବୁ କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ସେ ଜଣେ ଭଲ ମାର୍ଗଦର୍ଶକ ଥିଲେ। ସେ ଆଞ୍ଚଳିକ ନେତୃତ୍ୱକୁ ସଶକ୍ତ କରୁଥିଲେ। ପୁଅ ଧର୍ମେନ୍ଦ୍ର ପ୍ରଧାନ ବି ତାଙ୍କ ପଦ ଚିହ୍ନକୁ ଅନୁସରଣ କରୁଛନ୍ତି ବୋଲି ଶ୍ରୀ ସିଂହ କହିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ, ଡାକ୍ତର ପ୍ରଧାନଙ୍କ ବିନମ୍ରତା ଓ ଅମାୟିକ ଭାବ ଥିଲା ସବୁଠୁ ବଡ଼ ଆକର୍ଷଣ। ଏଥିପାଇଁ ସେ ଲୋକପ୍ରିୟ ଥିଲେ। ବିଜେପିର ସେ ଭଲ ସେବକ ଥିଲେ। ତାଙ୍କର ନିଷ୍ଠା ପାଇଁ ଆଜି ଓଡ଼ିଶାରେ ବିଜେପି ସୁଦୃଢ଼ ହୋଇଛି। ତାଙ୍କ ଶୂନ୍ୟସ୍ଥାନ ଆମେ ଅନୁଭବ କରୁଛୁ। ସେ ସରକାରୀ ଚାକିରି ଛାଡ଼ି ସେବାରେ ନିଜକୁ ଉତ୍ସର୍ଗ କରିଥିଲେ। ଦଳର ସ୍ଥିତି ନଗଣ୍ୟ ଥିବା ସମୟରେ ଦଳକୁ ସୁସଂଗଠିତ କରିଥିଲେ। ସେ କୃଷିର ଉନ୍ନତି ପାଇଁ କୃଷି ବିଜ୍ଞାନ କେନ୍ଦ୍ର ପ୍ରତିଷ୍ଠା କରିଥିଲେ। ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ କହିଥିଲେ ଡାକ୍ତର ପ୍ରଧାନ ଆମର ମାର୍ଗଦର୍ଶକ ଥିଲେ।

## ଗୁଜରାଟର ସୁରତ ଜିଲ୍ଲାରେ ଏକ ସମବାୟ ଚିନିକଳ ସମ୍ପର୍କିତ ଆର୍ଥିକ ଠକେଇ ମାମଲା

# ତିନିଜଣଙ୍କ ବିରୋଧରେ ମିଥ୍ୟା ଦସ୍ତାବିଜ୍ ଦାଖଲ କରି ଋଣ ହାସଲ

ଗୁଜରାଟର ସୁରତ ଜିଲ୍ଲାରେ ଏକ ସମବାୟ ଚିନିକଳ ସମ୍ପର୍କିତ ଆର୍ଥିକ ଠକେଇ ମାମଲା ସାମ୍ନାକୁ ଆସିଛି। ଓଲପାଡ଼ ଥାନାରେ ଏକ ଏଫଆଇଆର୍ ରୁଜୁ ହୋଇଛି, ଯେଉଁଥିରେ ଏକ ସମବାୟ ଚିନିକଳର ପୂର୍ବତନ ପରିଚାଳନା ନିର୍ଦ୍ଦେଶକ ଏବଂ ସୁରତ ପିପଲ୍ସ କୋ-ଅପରେଟିଭ୍ ବ୍ୟାଙ୍କ୍ ଲିମିଟେଡ୍‌ର ପୂର୍ବତନ ପରିଚାଳନା ନିର୍ଦ୍ଦେଶକ ସମେତ ତିନିଜଣଙ୍କ ବିରୋଧରେ ମିଥ୍ୟା ଦସ୍ତାବିଜ୍ ଦାଖଲ କରି ଜାତୀୟ ସମବାୟ ବିକାଶ ନିଗମ (ଏନ୍‌ସିଡିସି)ରୁ ଋଣ ହାସଲ କରିବାର ଅଭିଯୋଗ ରହିଛି। ଶ୍ରୀ କନ୍ଥା ବିଭାଗ ସମବାୟ ଖଣ୍ଡ ଉଦ୍ୟୋଗ ମଣ୍ଡଳୀ ଲିମିଟେଡ୍‌ର ବର୍ତ୍ତମାନ କାର୍ଯ୍ୟକାରୀ କଷ୍ଟୋଡିଆନ୍ କମିଟିର ଅଧ୍ୟକ୍ଷ ବ୍ରିଜେଶଭାଇ ଉର୍ଫେ ବୀରଲଭାଇ ଗୁଣବନ୍ତଭାଇ ପଟେଲ ଏହି ଅଭିଯୋଗ ଦାଖଲ କରିଛନ୍ତି। ଏଫଆଇଆର୍ ଅନୁଯାୟୀ, ଏହି ଅନିୟମିତତା ୨୦୨୩ରେ ଘଟିଥିଲା, ଯେତେବେଳେ ଚିନିକଳଟି ପୂର୍ବତନ ବୋର୍ଡ ଓ ପରିଚାଳନା ଦ୍ୱାରା ଚାଳିତ ହେଉଥିଲା। ଅଭିଯୁକ୍ତମାନେ ହେଉଛନ୍ତି – ଚିନିକଳର ପୂର୍ବତନ ପରିଚାଳନା ନିର୍ଦ୍ଦେଶକ ପ୍ରଦୀପକୁମାର ଗୌତମଭାଇ ପାଣ୍ଡ୍ୟା, ଗୋଡାଉନ୍ କିପର୍ ପ୍ରଦୀପକୁମାର ଭାଗୁଭାଇ ପଟେଲ ଏବଂ ସୁରତ ପିପଲ୍ସ କୋ-ଅପରେଟିଭ୍ ବ୍ୟାଙ୍କର ପୂର୍ବତନ ପରିଚାଳନା ନିର୍ଦ୍ଦେଶକ ଜତିନଭାଇ ଈଶ୍ୱରଭାଇ ନାୟକ (ଯିଏ ବର୍ତ୍ତମାନ ସର୍ବୋଦୟ ସମବାୟ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ)। ସେମାନଙ୍କୁ ଏନ୍‌ସିଡିସିରୁ ଋଣ ପାଇବା ପାଇଁ ମିଥ୍ୟା ଷ୍ଟକ୍ ଯାଞ୍ଚ ଦସ୍ତାବିଜ୍ ପ୍ରସ୍ତୁତ କରି ଷଡ଼ଯନ୍ତ୍ର ରଚିବାର ଅଭିଯୋଗ ହୋଇଛି। ଏଫଆଇଆର୍ ଅନୁଯାୟୀ, ଚିନିକଳଟି ୨୦୨୩ ମାର୍ଚ୍ଚରେ ଚିନି ଷ୍ଟକ୍ ବନ୍ଧକ ରଖି ଏନ୍‌ସିଡିସିରୁ ୱର୍କିଂ କ୍ୟାପିଟାଲ୍ ଋଣ ପାଇଁ ଆବେଦନ କରିଥିଲା। ବୋର୍ଡ ଅନୁମୋଦନ ପରେ ଜୁନ୍ ୨୦୨୩ରେ ୨୩,୮୮୨ କ୍ୱିଣ୍ଟାଲ୍ ଚିନି ଷ୍ଟକ୍ ବିରୁଦ୍ଧରେ ପ୍ରାୟ ୬.୨୯ କୋଟି ଟଙ୍କା ଋଣ ମଞ୍ଜୁର ହୋଇଥିଲା। ପରେ ନଭେମ୍ବର ୨୦୨୩ରେ ଚିନିକଳରେ ୫୯,୪୦୨ କ୍ୱିଣ୍ଟାଲ୍ ଚିନି ଷ୍ଟକ୍ ଥିବା ଦାବି କରି ଆଉ ପ୍ରାୟ ୯.୩୫ କୋଟି ଟଙ୍କା ଋଣ ମଞ୍ଜୁର ହୋଇଥିଲା। କିନ୍ତୁ ନଭେମ୍ବର ୧୭, ୨୦୨୩ରେ ଭୌତିକ ଯାଞ୍ଚରେ ମାତ୍ର ୪,୦୨୨ କ୍ୱିଣ୍ଟାଲ୍ ଚିନି ମିଳିଥିବା ଅଭିଯୋଗ ହୋଇଛି। ଅଭିଯୋଗକାରୀଙ୍କ କହିବାନୁଯାୟୀ, ପ୍ରକୃତ ଷ୍ଟକ୍ ବହୁତ କମ୍ ଥାଇ ମଧ୍ୟ ଅଭିଯୁକ୍ତମାନେ ମିଥ୍ୟା ଭୌତିକ ଯାଞ୍ଚ ରିପୋର୍ଟ ପ୍ରସ୍ତୁତ କରି ଅଧିକ ଷ୍ଟକ୍ ଦେଖାଇ ଋଣ ହାସଲ କରିଥିଲେ। ଏହା ସହିତ ଚିନିକଳ, ଏନ୍‌ସିଡିସି ଓ ସୁରତ ପିପଲ୍ସ କୋ-ଅପରେଟିଭ୍ ବ୍ୟାଙ୍କ୍ ମଧ୍ୟରେ ତ୍ରିପାର୍ଟାଇଟ୍ ବ୍ୟବସ୍ଥା ଅଧୀନରେ ବ୍ୟାଙ୍କ୍ ବନ୍ଧକ ଷ୍ଟକ୍ ନିରୀକ୍ଷଣ ଓ ଚିନି ବିକ୍ରିର ଟଙ୍କା ଋଣ ଶୋଧ ପାଇଁ ଜମା କରିବାର ଦାୟିତ୍ୱରେ ଥିଲା। ଏହି ଘଟଣା ପ୍ରସଙ୍ଗରେ ସୁରତ ପିପଲ୍ସ କୋ-ଅପରେଟିଭ୍ ବ୍ୟାଙ୍କର ଅଧ୍ୟକ୍ଷ ଅମିତ ଗଜ୍ଜର କହିଛନ୍ତି ଯେ ବ୍ୟାଙ୍କ୍ ବିଷୟଟି ସମ୍ପ୍ରତି ଜାଣିବାକୁ ପାଇଛି। ଶୁକ୍ରବାର ଏହା ସାମ୍ନାକୁ ଆସିବା ପରେ ସପ୍ତାହାନ୍ତ ହେବାରୁ ସୋମବାର ସନ୍ଧ୍ୟାରେ ବୋର୍ଡ ମିଟିଂ ଡାକାଯାଇଛି। ତାଙ୍କ କହିବାନୁଯାୟୀ, "ବ୍ୟାଙ୍କ୍‌ରେ କୌଣସି ଆର୍ଥିକ କ୍ଷତି ହୋଇନାହିଁ ଓ ବ୍ୟାଙ୍କ୍ ପାଣ୍ଠି ଜଡ଼ିତ ନାହିଁ। ଏହା ତ୍ରିପାର୍ଟାଇଟ୍ ଚୁକ୍ତି ଓ ଅଡିଟ୍ ଦାୟିତ୍ୱରେ କିଛି ଅବହେଳା ସହ ଜଡ଼ିତ ଦେଖାଯାଉଛି। ପୂର୍ବରୁ ବୋର୍ଡ ପ୍ରସ୍ତାବ ପାସ୍ କରି ସେତେବେଳେର ପରିଚାଳନା ନିର୍ଦ୍ଦେଶକ ଜତିନଭାଇ ନାୟକଙ୍କୁ ଏହି ପ୍ରକ୍ରିୟା ଓ ଅଡିଟ୍ ସମ୍ବନ୍ଧୀୟ କାମ ପାଇଁ କ୍ଷମତା ପ୍ରଦାନ କରିଥିଲା।" ବୋର୍ଡ ବିଷୟଟି ବିସ୍ତୃତ ଭାବେ ପରଖିବ। ଅଭିଯୋଗରେ ଆହୁରି କୁହାଯାଇଛି ଯେ ଚିନି ବିକ୍ରିର ଆୟ ଆବଶ୍ୟକ ଭାବେ ଜମା ହୋଇନଥିଲା ଏବଂ ଏନ୍‌ସିଡିସିରୁ ହାସଲ ଋଣର ଅପବ୍ୟବହାର ହୋଇଛି। ଏହି ପ୍ରକାରରେ ପ୍ରାୟ ୧୫.୬୫ କୋଟି ଟଙ୍କା ଋଣ ହାସଲ ହୋଇଥିବା ଏବଂ ଏପର୍ଯ୍ୟନ୍ତ ଶୋଧ ହୋଇନଥିବା ଅଭିଯୋଗ ରହିଛି। ଓଲପାଡ଼ ପୋଲିସ୍ ଭାରତୀୟ ଦଣ୍ଡ ବିଧାନର ଧାରା ୪୦୯, ୪୨୦, ୪୬୫, ୪୬୭, ୪୬୮, ୪୭୧ ଓ ୧୨୦ବି ଅଧୀନରେ ମାମଲା ରୁଜୁ କରିଛି। ତଦନ୍ତ ଆରମ୍ଭ ହୋଇଛି ଏବଂ ଅଧିକ ସଂପୃକ୍ତି ପ୍ରମାଣିତ ହେଲେ ଅନ୍ୟ ନାମ ଯୋଡ଼ାଯାଇପାରେ।

# ପ୍ରାପ୍ୟ ପାଇବା ଅପେକ୍ଷାରେ ୨୦ ହଜାର ଚାଷୀ; ସରୁନି ଧାନ କିଣା

ଭଦ୍ରକ: ଭଦ୍ରକ ଜିଲ୍ଲାରେ ସରକାରୀ ମଣ୍ଡିରେ ଧାନ ବିକ୍ରି କରିବାରେ ଅଚଳାବସ୍ଥା ଲାଗି ରହୁଛି। ଧାନ ବିକ୍ରି କରିବା ପାଇଁ ୩ ମାସ ହେଲା ମଣ୍ଡି ଖୋଲା ହୋଉଥିବା ବେଳେ ଆଜି ସୁଦ୍ଧା ବହୁ ମଣ୍ଡିରୁ ଚାଷୀଙ୍କର ଧାନ କିଣା ଶେଷ ହୋଇପାରି ନାହିଁ।

ସେହିପରି ଜିଲ୍ଲାରେ ଏବେ ପ୍ରାୟ ୨୦ ହଜାରରୁ ଅଧିକ ଚାଷୀ ଯେଉଁମାନେ ଧାନ ଦେଇ ସେମାନଙ୍କ ପ୍ରାପ୍ୟ ପାଉ ନାହାନ୍ତି। ଚାଷୀ ଧାନ ଦେବାରେ ବିଳମ୍ବ ହେଉଥିବା ବେଳେ ପ୍ରାପ୍ୟ ପାଇବାରେ ମଧ୍ୟ ବିଳମ୍ବ ହେଉଥିବା ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରୁଛନ୍ତି। ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ ବାରମ୍ବାର ତାଗିଦ କରାଯାଇଥିବା ବେଳେ ମିଲର ସେମାନଙ୍କର ମାନମନିରେ ଧାନ ଉଠାଉଛନ୍ତି।

ପ୍ରକାଶ ଥାଉ କି, ଭଦ୍ରକ ବ୍ଲକ ଅନ୍ତର୍ଗତ ଆମ୍ବରୋଳି ସମବାୟ ସମିତି ଧାନ ମଣ୍ଡରୁ ୨୦ ଦିନ ଧରି ଧାନ ଉଠୁ ନଥିବା ପ୍ରତିବାଦରେ ବାଷୀମାନେ ମଣ୍ଡିରେ ତାଲା ପକାଇଛନ୍ତି। ଉକ୍ତ ସମିତିରେ ଆହୁରି ୬୭୧ ଜଣ ଚାଷୀ ଧାନ ବିକିବା ଅପେକ୍ଷାରେ ଅଛନ୍ତି। ମଣ୍ଡି କର୍ତ୍ତୃପକ୍ଷ ୬ ହଜାର ୯ ଶହ କ୍ରିଣ୍ଟାଇ ଧାନ କିଣି ରଖୁଛନ୍ତି, ଅଥଚ ଧାନ ମଣ୍ଡିରୁ ଉଠୁ ନାହିଁଓ ମିଲରଙ୍କ ଗାଡ଼ି ମଣ୍ଡିରେ ପହଞ୍ଚୁ ନଥିବାରୁ ଏମିତି ଅବସ୍ଥା ଉପୁଜିଛି। ଚାଷୀମାନେ ଆହୁରି ୩ ହଜାର କୁଇଣ୍ଟାଲରୁ ଅଧିକ ଧାନ ଆଣି ମଣ୍ଡିରେ ବିକ୍ରି ଲାଗି ଅପେକ୍ଷା କରିଥିବା ବେଳେ ଯୋଗାଣ ବିଭାଗ ଏଥିପ୍ରତି ଧାନ ଦେଉ ନଥିବାରୁ ଚାଷୀମାନେ ଅସନ୍ତୁଷ୍ଟ ହୋଇପଡ଼ିଛନ୍ତି। ସ୍ଥାନୀୟ ଚାଷୀଙ୍କ କହିବା ଅନୁଯାୟୀ, ଗତବର୍ଷ ଖରିଫ ଋତୁରେ ଜିଲାର ସର୍ବାଧିକ ଧାନ କିଣି ପ୍ରଥମ ହୋଇଥିଲା ଏହି ସମିତି।



ଚଳିତ ବର୍ଷ ଏହି ମଣ୍ଡିରେ ୧୩୫୧ ଜଣ ଚାଷୀ ପଞ୍ଜିକୃତ କରିଛନ୍ତି। ଏବେ ସୁଦ୍ଧା ମଣ୍ଡିକୁ ୩୮ ହଜାର ୬୦୦ କ୍ରିଣ୍ଟାଲ ଟାର୍ଗେଟ ଧାନ ମିଳିଛି। ଟାର୍ଗେଟ ଅନୁସାରେ ମଣ୍ଡିରେ ଆହୁରି ୩ ହଜାର ଅଧୂକ ଧାନ ଗଚ୍ଛିତ ଅଛି। ସେହିଭଳି ଏବେ ଫେବ୍ରୁଆରି ୨ ତାରିଖ ଟୋକନର ଧାନକିଣା ଚାଲିଛି। ମାର୍ଚ୍ଚ ମାସରେ ଚାଷୀଙ୍କୁ ଯେଉଁ ତୋକନ ମିଳିଛି। ସେମାନେ କେବେ ମଣ୍ଡିରେ ଧାନ ବିକ୍ରି କରିବେ ବୋଲି ପ୍ରଶ୍ନ ଉଠୁଛି। ମଣ୍ଡିକୁ ଆଉ ୨୨ ହଜାର କ୍ରିଣ୍ଟାଲ ଟାର୍ଗେଟ୍ ଧାନ ମିଳିଲେ ସବୁ ଚାଷୀଙ୍କ ଧାନ କିଣାଯାଇ ପାରିବ ବୋଲି ସୂଚନା ମିଳିଛି।

ମଣ୍ଡିକୁ ଅଧୂକ ଟାର୍ଗେଟ ତୁରନ୍ତ ନମିଳିଲେ ବହୁ ଚାଷୀଙ୍କ ଟୋକନ ବାତିଲ ହେବ ବୋଲି ଚାଷୀମାନେ ଧାନବସ୍ତା ନେଇ ଆଶଙ୍କା କରିଛନ୍ତି। ଟୋକାନ ଲପାସ ପୂର୍ବରୁ ପ୍ରଶାସନ ଚାଷୀର ଧାନ ବିକ୍ରି କରିବା ନେଇ ସୁଯୋଗ ସୃଷ୍ଟି କରନ୍ତୁ। ଚାଷୀର ଧାନ ବିକ୍ରି ନହେଲେ ଚାଷୀ ରାଜା ରାସ୍ତା କୁ ଓହ୍ଲାଇ ଆନ୍ଦୋଳନ କରିବା ବୋଲି ଚେତାବନୀ ଦେଇଛନ୍ତି। ଅପରପକ୍ଷେ ମଣ୍ଡି ସମସ୍ୟା ନେଇ ଅବଗତ ହେବା ପରେ ଧାନ ଉଠାଇବା ବ୍ୟବସ୍ଥା ହେଉଥିବା ସମ୍ପର୍କରେ ଅତିରିକ୍ତ ଜିଲାପାଳ ସରୋଜ କୁମାର ଦତ୍ତ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

# ଜଳ ସଙ୍କଟ

●ରଞ୍ଜନ କୁମାର ଦାସ


ପୃଥିବୀ ପୃଷ୍ଠରେ ବଞ୍ଚିବା ପାଇଁ ଜଳର ଆବଶ୍ୟକତା ନିଶ୍ଚିତ ଭାବରେ ରହିଛି । ତେବେ ଜଳ ଆମ ସମସ୍ତଙ୍କ ପାଇଁ କେତେ ଉପଯୋଗୀ ତାହା କାହିବା ହୁଏ ତ ବାହୁଲ୍ୟ । ପୂର୍ବରୁ ଜଳ ମୁନ୍ଦେ ପାଇଁ ସଚେତନତାର ବର୍ତ୍ତା ସମସ୍ତଙ୍କ ପାଖରେ ପହଞ୍ଚିଥିବା ବେଳେ ବର୍ତ୍ତମାନ ପରିସ୍ଥିତିରେ ତାହା ଲୋପ ପାଇବାକୁ ବସିଲାଣି । କେବେଳ କାଗଜ କଲମରେ ସୀମିତ ରହିଛି । ପ୍ରତିବର୍ଷ ଭଳି ମାର୍ଚ୍ଚ ୨୨ ତାରିଖକୁ **'ବିଶ୍ୱ ଜଳ ଦିବସ'** ଭାବରେ ପାଳନ କରାଯାଏ । କୁହାଯାଏ ଜଳ ପାଇଁ ଦିନଟିଏ । କିନ୍ତୁ ବାସ୍ତବିକ କେବଳ ଯେ ବିଭିନ୍ନ ସ୍ତରରେ ଦିନଟିଏ ପାଇଁ **'ବିଶ୍ୱ ଜଳ ଦିବସ'** ପାଳନ କରାଯାଏ ।

ଜଳ କାହିଁକି ଆମ ପାଇଁ ନିତ୍ୟାନ୍ତ ଆବଶ୍ୟକତା ରହିଛି । ତାକୁ ନେଇ ଯଦି ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରିବା ବା ବିଚାର ବିମର୍ଶ କରିବା ହୁଏତ ଆଗାମୀ ପଢୀ ତାହା ଫଳପ୍ରଦ ହେବ । ତେଣୁ ଗ୍ରୀଷ୍ମ ଆଗମନ ପୂର୍ବରୁ ଦେଶରେ ଯେଉଁଭଳି ଭାବରେ ଜଳ ସଙ୍କଟ ଦେଖା ଦେଲାଣି । ନାଁ ଏଥିପ୍ରତି କାହାର ଚିନ୍ତା ଅଛି । କେବଳ ଆଲୋଚନାରେ ସୀମିତ । ଏପଟେ କିନ୍ତୁ ସାଧାରଣ ଜନସାଧାରଣ ହାହାକାର ହେଉଛନ୍ତି । ଯଦି ଜଳକୁ ନେଇ ବିସ୍ତୃତ ଭାବରେ ଆଲୋଚନା କରିବା ତେବେ ଗ୍ରୀଷ୍ମ ଦିନ ଆସିବା କ୍ଷଣେ ଚେନ୍ନାଇ ଭଳି ସହରରେ ପାଣିର ସମସ୍ୟା ଅଧିକ ପରିଲକ୍ଷିତ ହେଉଛି । ବର୍ତ୍ତମାନ ସମୟରେ ପାଣି ପାଇଁ ସାରା ଦେଶ ହେଉ ବା ବିଦେଶରେ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅସହ୍ୟ ଗରମ ସାଙ୍ଗକୁ ବିଭିନ୍ନ ସ୍ଥାନରେ ପାନୀୟ ଜଳର ଉକ୍ଟ ସମସ୍ୟା ଲୋକଙ୍କ ଚିନ୍ତା ବଢାଇଛି । ଏହାକୁ ନେଇ କିପରି ପ୍ରଶାସନ ସଜାଗ ରହୁଛି ଓ ଲୋକଙ୍କ ପାନୀୟ ଜଳ ସମସ୍ୟାକୁ ଦୂର କରି ପାରୁଛି ତାହା ଏକ ବଡ଼ପ୍ରଶ୍ନବାଚୀ ସୃଷ୍ଟି କରୁଛି । କିଛି ବର୍ଷ ହେବ ଭୂତଳ ଜଳସ୍ତର କମୁଥିବା ବେଳେ ପାନୀୟ ଜଳ ସମସ୍ୟା ବୃଦ୍ଧି ପାଇବାରେ ଲାଗିଛି । ଏନେଇ ସହର ଠାରୁ ଗ୍ରାମାଞ୍ଚଳ ଯାଏଁ ଲୋକମାନେ ନାହିଁ ନଥିବାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

ଦେଶର ବିଭିନ୍ନ ସ୍ଥାନରେ ଶିଳ୍ପର ଅଭିବୃଦ୍ଧି ସାଙ୍ଗକୁ ପରିବେଶ ପ୍ରଦୂଷଣ ଯାହାକି ଜଳସ୍ତରକୁ ନିମ୍ନଗାମୀ କରୁଛି । ତେବେ ଏଥିପ୍ରତି ପରିବେଶବିତ୍ ହୁଅନ୍ତୁ ବା ଆଗାମୀ ପିଢୀ ଏ ଦିଗରେ ସଚେତନ ରହି ଏହାର ସମାଧାନ କରିପାରିବେ ବୋଲି ଆଶା କରାଯାଉଛି । ବର୍ତ୍ତମାନ ପରିସ୍ଥିତିରେ ଦେଶର ବିଭିନ୍ନ ନଦୀ ଗୁଡିକରେ ଜଳର ଅଭାବ ଯୋଗୁ ନଦୀଗୁଡିକ ମରୁଭୂମିରେ ପାଲଟି ଯାଇଛି । ତେବେ କେଉଁ କାରଣରୁ ଜଳ ସଙ୍କଟର ସମସ୍ୟା ରହୁଛି । ତାହା ପରିସର ଭିତରକୁ ଆସୁନାହିଁ । ପୂର୍ବରୁ ଜନସାଧରଣମାନେ ପାନୀୟଜଳ ଯେତେ ସହଜରେ ପାଇ ପାରୁଥିଲେ ତାହା ଏବେ ଆଉ ସମ୍ଭବ ହେଉ ନାହିଁ । ଭୂତଳ ଜଳସ୍ତର ବଢ଼ାଇବା ପାଇଁ ପୋଖରୀ ଖନନ, ପ୍ରଚୁର ବୃକ୍ଷ ରୋପଣ ଆଡ଼ିବନ୍ଧ ଇତ୍ୟାଦି ଦୀର୍ଘ ମିଆଦି ଯୋଜନା ମାଧ୍ୟମରେ ବର୍ଷାଜଳ ସଂଚୟ କରାଯାଇ ପାରନ୍ତା । କିନ୍ତୁ ବର୍ଷାଜଳ ସଞ୍ଚୟ ପରିବର୍ତ୍ତେ ପୋଖରୀ ଓ ଖାଲ ଜମି ପୋତାଯାଇ ଗୃହ ନିର୍ମାଣ କରାଯାଇଥିବାର ଦେଖିବାକୁ ମିଳିଛି । ଫଳରେ ବର୍ଷାଜଳ ସଞ୍ଚୟ ହୋଇନପାରି ନିମ୍ନଗାମୀ ହେଉଛି । ସରକାରୀ ସ୍ତରରେ ପୋଖରୀ ଖନନ ଓ ଜଳାଶୟ ଉଦ୍ଧାର କରାଯିବାକୁ ଅନୁଦାନ ଆସୁଛି । ଏବେ ନଦୀ ଗୁଡ଼ିକ ପୋତିହୋଇ ପଡ଼ିବା ସହିତ ସେଥିରେ ବିଶେଷ ପାଣି ରହୁନାହିଁ । ତେଣୁ ଜଳ ସଙ୍କଟର ମୁକାବାଲା ପାଇଁ ଆମ ସମସ୍ତଙ୍କୁ ଅଣ୍ଟାଭିଡିବାକୁ ପଡିବ ।

# ଭାରତରେ କର୍କଟର କରାଳ ରୂପ

କର୍କଟ ବିଶ୍ୱର ଏକ ମହାମାରୀ ରୂପ ଧାରଣ କରିଛି ଏବଂ ଭାରତରେ ଏହାର ପ୍ରଭାବ ଆହୁରି ଭୟଙ୍କର ହୋଇଉଠିଛି। ଏହା କେବଳ ଏକ ରୋଗ ନୁହେଁ, ବରଂ ଏକ ସାମାଜିକ, ଅର୍ଥନୈତିକ ଏବଂ ସ୍ୱାସ୍ଥ୍ୟଗତ ସଙ୍କଟ ହୋଇପଡ଼ିଛି। ସାମ୍ପ୍ରତିକ ତଥ୍ୟ ଅନୁଯାୟୀ ଭାରତରେ କର୍କଟର ସଂଖ୍ୟା ଦ୍ରୁତ ବୃଦ୍ଧି ପାଉଛି ଏବଂ ଏହାର ମୃତ୍ୟୁ ଦର ବିଶ୍ୱ ହାରକୁ ଅତିକ୍ରମ କରିଯାଇଛି। ଗ୍ଲୋବୋକାନ୍ ୨୦୨୨ ରିପୋର୍ଟ କହୁଛି ଯେ ୨୦୨୨ରେ ଭାରତରେ ପ୍ରାୟ ୧୪.୧୩ ଲକ୍ଷ ନୂଆ କର୍କଟ ରୋଗୀ ଚିହ୍ନଟ ହୋଇଥିଲେ ଏବଂ ଏହାର ମଧ୍ୟରୁ ୯.୧୭ ଲକ୍ଷ ଲୋକ ମୃତ୍ୟୁବରଣ କରିଥିଲେ। ଏହି ସଂଖ୍ୟା ୨୦୨୫ ସୁଦ୍ଧା ୧୫.୭ ଲକ୍ଷ ପର୍ଯ୍ୟନ୍ତ ବୃଦ୍ଧି ପାଇବ ବୋଲି ଅନୁମାନ କରାଯାଉଛି। ଏହା ଦେଖାଉଛି ଯେ ଭାରତରେ କର୍କଟର ବୃଦ୍ଧି ଦର ବିଶ୍ୱ ହାରଠାରୁ ଅଧିକ ହେଉଛି। ରାଷ୍ଟ୍ରୀୟ କର୍କଟ ରେଜିଷ୍ଟ୍ରି ପ୍ରୋଗ୍ରାମ୍ ଅନୁଯାୟୀ ଭାରତରେ ପ୍ରତି ୯ ଜଣରୁ ଜଣେ ବ୍ୟକ୍ତି ଜୀବନରେ କର୍କଟର ଶିକାର ହେବାର ସମ୍ଭାବନା ରହିଛି। ଭାରତରେ କର୍କଟର ପ୍ରମୁଖ ପ୍ରକାରଗୁଡ଼ିକ ମହିଳାମାନଙ୍କରେ ସ୍ତନ କର୍କଟ ଏବଂ ଗର୍ଭାଶୟ ଗ୍ରୀବା କର୍କଟ ଅଧିକଦେଖାଯାଉଛି,ଯେଉଁଥିରେସ୍ତନକର୍କଟ ସର୍ବାଧିକ ହୋଇଛି। ପୁରୁଷମାନଙ୍କରେ ମୁଖ ଓ ଓଷ୍ଠ କର୍କଟ ଏବଂ ଫୁସ୍ଫୁସ୍ କର୍କଟ ଅଧିକ ଦେଖାଯାଉଛି। ସମସ୍ତ କର୍କଟ ମଧ୍ୟରୁ ସ୍ତନ କର୍କଟ ସର୍ବାଧିକ ସଂଖ୍ୟାରେ ହେଉଛି ଏବଂ ଏହା ମହିଳାମାନଙ୍କରେ ମୃତ୍ୟୁର ଏକ ପ୍ରମୁଖ କାରଣ ହୋଇପଡ଼ିଛି। ବୟସ ଦୃଷ୍ଟିରୁ ମଧ୍ୟବୟସ୍କ ଓ ବୃଦ୍ଧ ବର୍ଗ ସର୍ବାଧିକ ପ୍ରଭାବିତ ହେଉଛନ୍ତି, କିନ୍ତୁ ଯୁବବର୍ଗରେ ମଧ୍ୟ ଏହାର ବୃଦ୍ଧି ଚିନ୍ତାଜନକ। ଉଦାହରଣ ସ୍ୱରୂପ ଫୁସ୍ଫୁସ୍ କର୍କଟର ମଧ୍ୟମ ବୟସ ଭାରତରେ ୫୯ ବର୍ଷ ହେଉଛି, ଯାହା ଆମେରିକାରେ ୭୦ ବର୍ଷରୁ କମ୍। ମହିଳାମାନଙ୍କରେ



କର୍କଟ ମୃତ୍ୟୁ ଦର ପୁରୁଷମାନଙ୍କଠାରୁ ଅଧିକ ଦେଖାଯାଉଛି। ଭାରତର ବିଭିନ୍ନ ଅଞ୍ଚଳରେ ଏହାର ବଣ୍ଟନ ଅସମାନ – ଉତ୍ତର ଓ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକରେ ଏହା ଅଧିକ ଦେଖାଯାଉଛି। ମିଜୋରାମର କିଛି ଜିଲ୍ଲାରେ କର୍କଟ ଦର ଅନ୍ୟ ରାଜ୍ୟଗୁଡ଼ିକରୁ ଅନେକ ଗୁଣ ଅଧିକ ହେଉଛି। ୨୦୪୫ ସୁଦ୍ଧା ଏହାର ସଂଖ୍ୟା ୨୪.୬ ଲକ୍ଷ ପର୍ଯ୍ୟନ୍ତ ବୃଦ୍ଧି ପାଇବ ବୋଲି ଅନୁମାନ କରାଯାଉଛି। ବିଶ୍ୱ ସ୍ତରରେ କର୍କଟର ସ୍ଥିତି ମଧ୍ୟ ଚିନ୍ତାଜନକ, କିନ୍ତୁ ଭାରତର ସ୍ଥିତି ଅନ୍ୟଠାରୁ ଭିନ୍ନ ଓ ଅଧିକ ଭୟଙ୍କର। ବିଶ୍ୱରେ ୨୦୨୨ରେ ପ୍ରାୟ ୨ କୋଟି ନୂଆ କର୍କଟ କେସ୍ ଥିଲା ଏବଂ ୨୦୫୦ ସୁଦ୍ଧା ଏହା ୩.୫ କୋଟିକୁ ପହଞ୍ଚିବ ବୋଲି ଅନୁମାନ। କିନ୍ତୁ ଭାରତର ବୃଦ୍ଧି ଦର ବିଶ୍ୱ ହାରଠାରୁ ଅଧିକ ହେଉଛି – ୨୦୨୦ରୁ ୨୦୨୫ ପର୍ଯ୍ୟନ୍ତ ୧୩% ବୃଦ୍ଧି ଦେଖାଯାଉଛି। ଭାରତ ଦକ୍ଷିଣ-ପୂର୍ବ ଏସିଆରେ କର୍କଟ ସଂଖ୍ୟାରେ ତୃତୀୟ ଏବଂ ମୃତ୍ୟୁରେ ଦ୍ୱିତୀୟ ସ୍ଥାନରେ ରହିଛି। ଭାରତର କ୍ରୁଡ୍ ଇନ୍ସିଡେନ୍ସ ରେଟ୍ ଅନ୍ୟ ବିକଶିତ ଦେଶଗୁଡ଼ିକ ତୁଳନାରେ କମ୍ ଦେଖାଯାଉଛି, କିନ୍ତୁ ଜନସଂଖ୍ୟାର ବୃହତ୍ ଆକାର ହେତୁ ସଂଖ୍ୟା ଅତ୍ୟଧିକ ହେଉଛି। ଆମେରିକା ଓ ଆଷ୍ଟ୍ରେଲିଆ ପରି ଦେଶରେ କର୍କଟ ରେଟ୍ ଅଧିକ ହେଲେ ମଧ୍ୟ ସେଠାରେ ଚିହ୍ନଟ ଓ ଚିକିତ୍ସାର ଉନ୍ନତି ହେତୁ ସର୍ଭାଇଭାଲ୍ ରେଟ୍ ଅଧିକ ରହିଛି। ଭାରତରେ ବିଳମ୍ବିତ ଚିହ୍ନଟ ଓ ଅପର୍ଯ୍ୟାପ୍ତ ଚିକିତ୍ସା ହେତୁ ମୃତ୍ୟୁ ଦର ଅଧିକ ହେଉଛି। ଚୀନ ଓ ଭାରତ ପରି ଦେଶରେ ୨୦୫୦ ସୁଦ୍ଧା କର୍କଟ ସଂଖ୍ୟା ୯୯ରୁ ୧୪୨% ପର୍ଯ୍ୟନ୍ତ ବୃଦ୍ଧି ପାଇବ ବୋଲି ଅନୁମାନ କରାଯାଉଛି। ଭାରତରେ କର୍କଟ ବୃଦ୍ଧିର ପ୍ରମୁଖ କାରଣଗୁଡ଼ିକ ହେଉଛି ତମାଖୁ ସେବନ, ଏଚ୍ପିଭି ସଂକ୍ରମଣ, ପ୍ରଦୂଷଣ, ଅସ୍ୱାସ୍ଥ୍ୟକର ଆହାର, ନଗରୀକରଣ, ଜୀବନଶୈଳୀ ପରିବର୍ତ୍ତନ, ବୃଦ୍ଧ ଜନସଂଖ୍ୟା ଏବଂ ଉନ୍ନତ ଚିହ୍ନଟ ସକ୍ଷମତା। ଏହାର ସହିତ ଅନ୍ୟାନ୍ୟ ରୋଗ ଯେପରି ଡାଏବେଟିସ୍ ଓ ଉଚ୍ଚ ରକ୍ତଚାପ ମଧ୍ୟ କର୍କଟ ବୃଦ୍ଧିରେ ସହାୟକ ହେଉଛି। ଏହାର ଚିନ୍ତାଜନକ ଦିଗ ହେଉଛି ସ୍ୱାସ୍ଥ୍ୟସେବା ବ୍ୟବସ୍ଥାର ଭାର, ଅର୍ଥନୈତିକ କ୍ଷତି ଏବଂ ସାମାଜିକ ପ୍ରଭାବ। ଅପର୍ଯ୍ୟାପ୍ତ ପ୍ରଶିକ୍ଷିତ ଚିକିତ୍ସକ ଓ ସୁବିଧାର ଅଭାବ ହେତୁ ମୃତ୍ୟୁ ଦର ଅଧିକ ହେଉଛି। ବିକଶିତ ଦେଶଗୁଡ଼ିକରେ ପ୍ରାରମ୍ଭିକ ଚିହ୍ନଟ ଓ ଉନ୍ନତ ଚିକିତ୍ସା ହେତୁ ସର୍ଭାଇଭାଲ୍ ରେଟ୍ ଅଧିକ ରହିଛି, କିନ୍ତୁ ଭାରତରେ ଏହା ଅତ୍ୟନ୍ତ କମ୍। ଏହି ସଙ୍କଟର ସମାଧାନ ପାଇଁ ପ୍ରତିରୋଧକ ଉପାୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତମାଖୁ ନିୟନ୍ତ୍ରଣ, ଏଚ୍ପିଭି ଟିକାକରଣ, ନିୟମିତ ସ୍କ୍ରିନିଂ ପ୍ରୋଗ୍ରାମ୍, ସଚେତନତା ଅଭିଯାନ,ସ୍ୱାସ୍ଥ୍ୟକର ଜୀବନଶୈଳୀ ପ୍ରୋତ୍ସାହନ ଏବଂ ସରକାରୀ ନୀତିର କଡ଼ା କାର୍ଯ୍ୟକାରୀ ଆବଶ୍ୟକ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ମାର୍ଗଦର୍ଶନ ଅନୁଯାୟୀ ପ୍ରାରମ୍ଭିକ ଚିହ୍ନଟ ଦ୍ୱାରା ୫୦% ମୃତ୍ୟୁକୁ ରୋକାଯାଇପାରିବ। ଆୟୁଷ୍ମାନ୍ ଭାରତ ଯୋଜନାର ବିସ୍ତାର ଏବଂ କର୍କଟ ଚିକିତ୍ସା ପାଇଁ ଅଧିକ ବ୍ୟୟ ଆବଶ୍ୟକ। ଏହି କରାଳ ରୂପ ଏକ ଜାତୀୟ ଜରୁରୀକାଳୀନ ସ୍ଥିତି ଏବଂ ଏହାକୁ ରୋକିବା ପାଇଁ ସରକାର, ସମାଜ ଓ ବ୍ୟକ୍ତିଗତ ସ୍ତରରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ। ଅନ୍ୟଥା ଏହା ଆମର ଭବିଷ୍ୟତକୁ ଅନ୍ଧକାରମୟ କରିଦେବ। ଆସନ୍ତୁ ସଚେତନ ହୋଇ ଏହି ଯୁଦ୍ଧରେ ଜିତିବା।

# ବାଲ୍ୟବିବାହ ନିଷେଧ

ବାଲ୍ୟବିବାହର ନିରାକରଣ ପାଇଁ ସରକାର ବଦ୍ଧପରିକର, ଏକଥା ଆଉ ଥରେ ପ୍ରମାଣିତ ହୋଇଛି। ଗତ ବର୍ଷର ଶେଷ ଦିନରେ ମହିଳାଙ୍କ ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ବସିଥିବା ବୈଠକରେ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ କିଛି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପସ୍ଥାପିତ କରିଛନ୍ତି। ସେଗୁଡ଼ିକ ମଧ୍ୟରେ ଏଣିକି ଗ୍ରାମପଞ୍ଚାୟତ କାର୍ଯ୍ୟନିର୍ବହୀ ଅଧିକାରୀମାନଙ୍କୁ ପଞ୍ଚାୟତ ସ୍ତରୀୟ ବାଲ୍ୟବିବାହ ନିଷେଧ ଅଧିକାରୀ ଭାବେ ସରକାର ଘୋଷଣା କରିବେ। ଆଦିବାସୀ ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ଆବାସିକ ବିଦ୍ୟାଳୟଗୁଡ଼ିକରେ ଥିବା ୱାର୍ଡେନ ଓ ମାଟ୍ରନ୍‌ମାନଙ୍କୁ ମଧ୍ୟ ବାଲ୍ୟବିବାହ ନିଷେଧ ଅଧିକାରୀ ଭାବରେ ଦାୟିତ୍ୱ ଦିଆଯିବ। ଏଥି ସହ ବିଦ୍ୟାଳୟଗୁଡ଼ିକର ପ୍ରଧାନ ଶିକ୍ଷକ ଅଧ୍ୟକ୍ଷଙ୍କୁ ବାଲ୍ୟବିବାହ ସୂଚନା ଅଧିକାରୀର ଅତିରିକ୍ତ ଦାୟିତ୍ୱ ଦିଆଯିବ। ସେମାନେ ନିଜ ପରିଧିରେ ଘଟୁଥିବା ବାଲ୍ୟବିବାହ ଘଟଣାକୁ ବାଲ୍ୟବିବାହ ନିଷେଧ ଅଧିକାରୀଙ୍କୁ ସୂଚିତ କରିବେ । ଏମାନେ ସମସ୍ତେ ନିଜର ନାମ ଫଳକରେ ଏହି ପଦବୀକୁ ଉଲ୍ଲେଖ କରିବା ସହ ସହାୟତା ପାଇଁ ଥିବା ସମସ୍ତ ଦେୟମୁକ୍ତ ଫୋନ୍ ନମ୍ବର ସମ୍ପର୍କରେ ସଚେତନତା ସୃଷ୍ଟି କରିବେ। ପିଲାଙ୍କ ଭିତରେ ସଚେତନତା ସୃଷ୍ଟି ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ବାଲ୍ୟବିବାହକୁ ପାଠ୍ୟକ୍ରମରେ ସାମିଲକରିବେ। ଏବେ ପ୍ରତ୍ୟେକ ବ୍ଲକ୍ ସ୍ତରରେ ଆମର ଜଣେ ଜଣେ ବାଲ୍ୟବିବାହ ନିଷେଧ ଅଧିକାରୀ ଅଛନ୍ତି। ଉପରୋକ୍ତ ପ୍ରସ୍ତାବ କାର୍ଯ୍ୟକାରୀ ହେଲେ ବାଲ୍ୟବିବାହ ରୋକିବା ପାଇଁ ଅଧିକ ଅଧିକାରୀ ନିୟୋଜିତ ହେବେ। ପଞ୍ଚାୟତ ଓ ବିଦ୍ୟାଳୟ ସ୍ତରରେ ନିଯୁକ୍ତି ହେଲେ ତଦାରଖର ପରିଧି କମିବ ଓ ଦାୟିତ୍ୱ ବିଭାଜିତ ହୋଇପାରିବ। ତେବେ ଏଭଳି ଏକ ନିଷ୍ପତ୍ତି ନେବା ବେଳେ ଅକ୍ଟୋବର ୨୦୨୪ରେ ବାଲ୍ୟବିବାହ ନିରାକରଣ ପାଇଁ ଉଚ୍ଚତମ ନ୍ୟାୟାଳୟ ଦେଇଥିବା ରାୟକୁ ମଧ୍ୟ ଅନୁଧ୍ୟାନ କରାଯିବା ଆବଶ୍ୟକ। ଏହାଦ୍ୱାରା ଉଚ୍ଚତମ ନ୍ୟାୟାଳୟ ଦେଇଥିବା ମତାମତ ଓ ନିର୍ଦ୍ଦେଶକୁ ଅନୁପାଳନର ସୁଯୋଗ ତିଆରି ହେବ। ଏହି ରାୟରେ ବିଭିନ୍ନ ରାଜ୍ୟରେ ବାଲ୍ୟବିବାହ ନିରାକରଣ ପାଇଁ ନିଆଯାଉଥିବା ପଦକ୍ଷେପକୁ ନେଇ ନ୍ୟାୟାଳୟ ଅସନ୍ତୋଷ ପ୍ରକାଶ କରିଛନ୍ତି। ବିଶେଷକରି ବାଲ୍ୟବିବାହ ନିଷେଧ ଅଧିକାରୀ ନିଯୁକ୍ତ ସମ୍ପର୍କରେ ନିଜର ମତ ରଖିବାକୁ ଯାଇ କହିଛନ୍ତି, କର୍ନାଟକର ୩୧ଟି ଜିଲାରେ ୫୮,୫୨୨ ଜଣ, ମହାରାଷ୍ଟ୍ରର ୩୬ ଜିଲାରେ ୨୫,୫୬୨ ଜଣ, ଆନ୍ଧ୍ରପ୍ରଦେଶରେ ୧୬,୫୯୦ ଜଣ, ଉତ୍ତରପ୍ରଦେଶରେ ଜିଲାକୁ ଜଣେ ହିସାବରେ ୭୫ଟି ଜିଲା ପାଇଁ ୭୫ ଜଣଙ୍କୁ ବାଲ୍ୟବିବାହ ନିଷେଧ ଅଧିକାରୀ ଭାବେ ନିଯୁକ୍ତି ଦେଇଛନ୍ତି। କର୍ନାଟକ, ମହାରାଷ୍ଟ୍ର ଓ ଆନ୍ଧ୍ରପ୍ରଦେଶ ଭଳି ରାଜ୍ୟରେ ପଞ୍ଚୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ରାଜସ୍ୱ ନିରୀକ୍ଷକ, ପଟୁଆରି ପ୍ରଭୃତିଙ୍କୁ ବାଲ୍ୟବିବାହ ନିଷେଧ ଅଧିକାରୀ ଭାବେ ଦାୟିତ୍ୱ ଦିଆସରିଛି। ହେଲେ ଏହା ଅତିରିକ୍ତ ଦାୟିତ୍ୱ ହୋଇଥିବାରୁ ବିଶେଷ ସୁଫଳ ପରିଲକ୍ଷିତ ହେଉନାହିଁ। ପୂର୍ବରୁ ନିଜର ମୂଳ ଦାୟିତ୍ୱର ବୋଝରେ ବୁଡ଼ି ରହୁଥିବା ଏହି ଅଧିକାରୀମାନେ ବାଲ୍ୟବିବାହ ପରି ଏକ ସମ୍ବେଦନଶୀଳ ଘଟଣାରେ ପ୍ରଭାବୀ ଢଙ୍ଗରେ କାମ କରିପାରୁନାହାନ୍ତି। ବାଲ୍ୟବିବାହ ନିଷେଧ ଆଇନରେ ବାଲ୍ୟବିବାହ ନିଷେଧ ଅଧିକାରୀଙ୍କ ଗୁରୁ ଦାୟିତ୍ୱ ଥିବାରୁ ଏହି ଅତିରିକ୍ତ ଦାୟିତ୍ୱରେ ଥିବା ଅଧିକାରୀଙ୍କ ସମେତ ଜିଲା ସ୍ତରରେ ଜଣେ ସ୍ୱତନ୍ତ୍ର ବାଲ୍ୟବିବାହ ନିଷେଧ ଅଧିକାରୀ ନିଯୁକ୍ତି କରିବାକୁ ପ୍ରତ୍ୟେକ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳକୁ ଉଚ୍ଚତମ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି। ଯଦି କୌଣସି ରାଜ୍ୟ ସ୍ୱତନ୍ତ୍ର ଜିଲାସ୍ତରୀୟ ବାଲ୍ୟବିବାହ ନିଷେଧ ଅଧିକାରୀ ନିଯୁକ୍ତ କରିବା ଉଚିତ ମନେକରୁନାହାନ୍ତି ତେବେ ନ୍ୟାୟାଳୟଙ୍କୁ ଅବଗତ କରିବା ପୂର୍ବକ ଅନୁମତି ନେବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହା ଯୌନ ଶୋଷଣ ଓ ହିଂସା ଯୋଗୁ ହେଉଥିବା ଶାରୀରିକ ଓ ମାନସିକ ଅବସାଦ ଦୂରକରିବାରେ ସହାୟକ ହେବ ବୋଲି ରାୟରେ ଉଲ୍ଲେଖ କରାଯାଇଛି। ଏହି ପରିପ୍ରେକ୍ଷୀରେ ସରକାର ନେବାକୁ ଥିବା ନିଷ୍ପତ୍ତିକୁ ପୁନର୍ବିଚାର ପୂର୍ବକ ଜିଲା ସ୍ତରରେ ସ୍ୱତନ୍ତ୍ର ବାଲ୍ୟବିବାହ ନିଷେଧ ଅଧିକାରୀ ନିଯୁକ୍ତି, ଅତିରିକ୍ତ ଦାୟିତ୍ୱରେ ହେବାକୁ ଥିବା ନବନିଯୁକ୍ତଙ୍କୁ କେବଳ ବାଲ୍ୟବିବାହ ନିଷେଧ ପାଇଁ ଦାୟିତ୍ୱ ନ ଦେଇ ଅନ୍ୟାନ୍ୟ ଶିଶୁ ଅଧିକାରର ସୁରକ୍ଷା ପାଇଁ ମଧ୍ୟ ଉତ୍ତରଦାୟୀ କରାଯାଇ ପାରିଲେ ସୁଫଳ ମିଳିବ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା, ସେମାନଙ୍କର କାର୍ଯ୍ୟ ପରିଧି, ଦାୟିତ୍ୱ ଓ ରିପୋର୍ଟିଂରେ ସ୍ପଷ୍ଟତା ରହିବା ଆବଶ୍ୟକ। ନ ହେଲେ ଘଟଣା ଘଟିଲା ପରେ କାହାରି ଉପରେ ଉତ୍ତରଦାୟିତ୍ୱ ନ୍ୟସ୍ତ କରାଯାଇପାରିବ ନାହିଁ। ପାଠ୍ୟକ୍ରମରେ କେବଳ ବାଲ୍ୟବିବାହ ନିଷେଧ ଆଇନ ଓ ପରିଣାମ ବ୍ୟତୀତ ନିଜ ଶରୀରକୁ ବୁଝିବା, କିଶୋରକିଶୋରୀ ବୟସରେ ମାନସିକ, ଆବେଗିକ ଓ ଶାରୀରିକ ପରିବର୍ତ୍ତନ ଓ ଏହାର ପ୍ରଭାବ ଏବଂ ପରିଣାମ ସମ୍ପର୍କରେ ଅବଗତ କରାଇହେଲା ଭଳି ପାଠ୍ୟକ୍ରମ ପ୍ରସ୍ତୁତ ହେଲେ ପିଲାମାନେ ବନ୍ଧୁତା, ସମ୍ପର୍କ ଓ ସମ୍ଭୋଗକୁ ନେଇ ନିଷ୍ପତ୍ତି ନେଇପାରିବେ।







# ଜଳୁଛି ଜଙ୍ଗଲ: ନଷ୍ଟ ହେଉଛି ଶହ ଶହ ଗଛ




- ପରିବେଶବିତ୍ ଓ ପ୍ରଶାସନ ଚିରନିଦ୍ରାରେ
- ଜଙ୍ଗଲ ବିଭାଗ ପକ୍ଷରୁ ବ୍ୟାପକ ସଚେତନତାର ଅଭାବ
- ମୃତ୍ୟୁବରଣ କରୁଛନ୍ତି ଅନେକ ଜୀବଜନ୍ତୁ ଓ କୀଟପତଙ୍ଗ

ଘୁ.ଉଦୟଗିରି: ଆଦିବାସୀ ଅଧ୍ୟୁଷିତ ଜିଲ୍ଲା ହେଉଛି କନ୍ଧମାଳ ଜିଲ୍ଲା। ଏହି ଜିଲ୍ଲା ପାହାଡ଼ ପର୍ବତ ଘେରା ଅଂଚଳ। ଜଙ୍ଗଲରେ ପରିପୂର୍ଣ୍ଣ ସାରା ଜିଲ୍ଲାରେ ବ୍ୟାପିଛି ଶାଳ, ପିଆଶାଳ, ଶାଗୁଆନ, ଶିଶୁ, ଗଛର ବଣ। ଏହା ସହ ଆମ୍ବ, ପଣସ, ମହୁଲ ଗଛ ମଧ ଭରି ହୋଇ ରହିଛି। ମୂଲ୍ୟବାନ ଔଷଧୀୟ ବୃକ୍ଷମଧ ରହିଛି। ଏହି ଜଙ୍ଗଲ ସବୁ ପ୍ରକୃତିର ଦାନ ଆଉ କିଛି ଜଙ୍ଗଲ ବିଭାଗ ବନୀକରଣ ଦ୍ୱାରା ସୃଷ୍ଟି କରିଛନ୍ତି। ଶହଶହ ବର୍ଷ ଧରି ରହିଥିବା ବିଶାଳ ଜଙ୍ଗଲ ଧ୍ୱଂସ ହେବାରେ ମୁଖ୍ୟ ଭୂମିକା ଗ୍ରହଣ କରିଛି ମଣିଷ। ଜଙ୍ଗଲର ଲୋଭନୀୟ କାଠ କାଟି ବିକ୍ରି କରିବା ସହ ଜାଳେଣି ପାଇଁ କାଠ କାଟିବା ଅଙ୍ଗାର କରିବା ଭଳି କାରଣ ରହିଛି ଜଙ୍ଗଲ ଧ୍ୱଂସ ହେବାର।ବର୍ତ୍ତମାନ କିଛି ବର୍ଷ ହେଲା ଜଙ୍ଗଲରେ ନିଆଁ ଲାଗିବା ସମସ୍ୟା ଜଙ୍ଗଲ ଧ୍ୱଂସର ପ୍ରମୁଖ ଜାରଣ ପାଲଟିଛି କନ୍ଧମାଳ ଜିଲ୍ଲାରେ। ପ୍ରତ୍ୟକ ବର୍ଷ ଗ୍ରୀଷ୍ମ ଋତୁର ଆରମ୍ଭରେ ଜଙ୍ଗଲରେ ନିଆଁ ଲାଗିବା ଆରମ୍ଭ ହୋଇଥାଏ। ନିଆଁ ଲିଭେଇବା ନିମନ୍ତେ ଜଙ୍ଗଲ ବିଭାଗ ପକ୍ଷରୁ କୌଣସି ସ୍ୱତନ୍ତ୍ର ବ୍ୟବସ୍ଥା କରାନଯିବା ଯୋଗୁଁ ଜଙ୍ଗଲରେ ନିଆଁ ବ୍ୟାପିଥାଏ। ଚଳିତ ବର୍ଷ ଗ୍ରୀଷ୍ମ ଋତୁର ଆରମ୍ଭରୁ ସ୍ଥାନୀୟ ଅଞ୍ଚଳରେ ଜଙ୍ଗଲ ଗୁଡିକରେ ନିଆଁ ଲାଗିଥିବା ଦୃଶ୍ୟ ଦେଖିବାକୁ ମିଳୁଛି। ଜଙ୍ଗଲ ଅଞ୍ଚଳ ପାଖରେ ଥିବା ଏବଂ ଜଙ୍ଗଲ ଉପରେ ନିର୍ଭର କରୁଥିବା ଲୋକଙ୍କ ଭିତରେ ସଚେତନ ଅଭାବ ଯୋଗୁଁ କିଛି ନ୍ୟର୍ଥ ସ୍ୱାର୍ଥ ଲୋକ ଜଙ୍ଗଲରେ ନିଆଁ ଲଗେଇ ଜାତୀୟ ସମ୍ପତି ନଷ୍ଟ କରିବା ସହ ପରିବେଶ ପ୍ରତି ବିପଦ ସୃଷ୍ଟି କରିଚାଲିଛନ୍ତି। ଜଙ୍ଗଲ ବିଭାଗ ପକ୍ଷରୁ ବ୍ୟାପକ ସଚେତନତା ବ୍ୟବସ୍ଥା କରିବାର ଆବଶ୍ୟକ ରହିଛି।ଜଙ୍ଗଲ ଗୁଡିକରେ ପୋଡୁ ଚାଷ, ବନ୍ୟଜନ୍ତୁ ଶିକାର କରିବା ହେଉ କି କାଠ, ଅଙ୍ଗାର ସଂଗ୍ରହ ନିମନ୍ତେ ନିଆଁ ଲଗାଇବା ଏବଂ ମହୁଲ ସଂଗ୍ରହ ନିମନ୍ତେ ନିଆଁ ଲଗାଯାଉଥିବା ଜଣା ପଡ଼ିଛି। ଜଙ୍ଗଲରେ ନିଆଁ ଲାଗିଲେ ସୂଚନା ପାଇବା ନିମନ୍ତେ ଜଙ୍ଗଲ ବିଭାଗ ପକ୍ଷରୁ ପ୍ରଯୁକ୍ତି ବିଦ୍ୟାର ସହାରା ନିଆଜାଇଛି। ସେଟଲାଇଟ ଜରିଆରେ ସ୍ଥାନୀୟ ବିଭାଗୀୟ ଅଧିକାରୀ ସୂଚନା ପାଇପାରୁଛନ୍ତି କେଉଁ ଜଙ୍ଗଲରେ ନିଆଁ ଲଗିଛି।ସେଇ ଜଙ୍ଗଲରେ ପହଞ୍ଚି ନିଆଁ ଲିଭାଇବା ନିମନ୍ତେ ପର୍ଯ୍ୟାପ୍ତ କର୍ମଚାରୀର ଅଭାବ ରହିଛି। ନିଆଁ ଲିଭାଇବା ନିମନ୍ତେ ଗଲା ବେଳକୁ ଜଙ୍ଗଲ ନିଆଁ କିଲୋମିଟର କିଲୋମିଟର ବ୍ୟାପି ଯାଇଥାଏ।ସ୍ଥାନୀୟ ବନବିଭାଗ କାର୍ଯ୍ୟାଳୟ ଅଧୀନରେ ପ୍ରାୟ ୨୦ବର୍ଗ କିମି ବ୍ୟାପି ଜଙ୍ଗଲ ରହିଥିବା ବେଳେ ୮ଗୋଟି ବିଟ ରହିଛି। ସ୍ଥାନୀୟ ବନବିଭାଗ କାର୍ଯ୍ୟାଳୟରେ ଜଣେ ବନାଞ୍ଚଳ ଅଧିକାରୀଙ୍କ ସମେତ ହାତ ଗଣତି ବନପାଳ ଏବଂ ଜଣ ବନରକ୍ଷୀ କାର୍ଯ୍ୟରତ। ଏତେ ବଡ଼ ଜଙ୍ଗଲକୁ ସୁରକ୍ଷା ଦେବା ନିମନ୍ତେ ମାତ୍ର ହାତ ଗଣତି କର୍ମଚାରୀ ସମୁଦ୍ରକୁ ଶଙ୍ଖେ ଭଳି। ବର୍ତମାନ କିଛି ଦିନ ହେଲା ସ୍ଥାନୀୟ ଅଞ୍ଚଳର କଳିଙ୍ଗା, ପାଜିମାହା, ବଡିଙ୍ଗିଆ, ଲିଙ୍ଗାଗଡ଼, ରୁଦାଙ୍ଗିଆ, ପାବୁରିଆ ଜଙ୍ଗଲରେ ନିଆଁ ଲାଗି ଜଙ୍ଗଲ ନଷ୍ଟ ହେବା ସହ ମୂଲ୍ୟବାନ ଔଷଧୀୟ ବୃକ୍ଷ ନଷ୍ଟ ହେବାରେ ଲାଗିଛି ଏହାସହ ଜଙ୍ଗଲରେ ବାସ କରୁଥିବା ପଶୁ ପକ୍ଷୀ ବିପଦରେ ପଡିଛନ୍ତି। ଗୋଟିଏ ଅଞ୍ଚଳରେ ଲାଗିଥିବା ନିଆଁ କୁ ବିଭାଗୀୟ କର୍ମଚାରୀ ଆୟତ୍ତ କରିଲା ବେଳକୁ ଅନ୍ୟ ପଟ ଜଙ୍ଗଲରେ ନିଆଁ ଲାଗୁଛି। କିଛି ଜଙ୍ଗଲରେ କିଛି ପଶୁ ଶିକାରୀଙ୍କ ଆଖି ପଡିଛି। ପଶୁ ମାଂସ ଲୋଭି କିଛି ଶିକାରୀ ପଶୁ ଶିକାର କରିବା ନିମନ୍ତେ ଜଙ୍ଗଲରେ ନିଆଁ ଲଗେଇ ଜଙ୍ଗଲରେ ବିଚରଣ କରୁଥିବା ବାଁହା, କୁଟୁରା, ଝିଙ୍କ ପ୍ରଭୃତି ପଶୁଙ୍କୁ ଶିକାର କରୁଥିବା ସୂଚନା ମିଳିଛି।

# ଓଡ଼ିଶାର ଖଣି ବେଧଡ଼କ୍ ଲୁଟ ହେବା ସହ ସାରା ଦେଶରେ ଦୁର୍ନୀତି

ଭୁବନେଶ୍ୱର: ଖଣିଜ ପଦାର୍ଥରେ ଭରପୂର ଓଡ଼ିଶାରେ ୨୦୦୫ରୁ ୨୦୧୫ ମଧ୍ୟରେ ପ୍ରବଳ ଲୁଟ୍ ହୋଇଛି। ଓଡ଼ିଶାର ଖଣି ଦୁର୍ନୀତି ସାରା ଦେଶରେ ଚହଳ ପକାଇଥିଲା। ଖଣି ଲିଜ୍ ଆବଣ୍ଟନ ପ୍ରକ୍ରିୟାରେ ସ୍ୱଚ୍ଛତା ନଥିଲା, ମୁଖ୍ୟତଃ ସରକାରଙ୍କ ଇଚ୍ଛାଧୀନ ନିଷ୍ପତ୍ତି ଉପରେ ନିର୍ଭର କରୁଥିଲା, ମନଇଚ୍ଛା ଖଣି ଖନନ କରାଯାଉଥିଲା। ଓଏମ୍‌ସିକୁ ପୂର୍ବ ସରକାର ନିଜ ଇଚ୍ଛାରେ ଚଳାଉଥିଲେ। ହେଲେ ୨୦୧୫ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉଦ୍ୟମରେ ଏମ୍ଏମ୍‌ଡିଆର୍ ଆଇନ ସଂଶୋଧନ ପରେ ରାଜ୍ୟର ଖଣିଜ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆସିଥିଲା। ଏହାପରେ ରାଜ୍ୟ ସରକାର ଲଘୁ ଖଣିଜ ଲୁଟ୍ ବାଟ ଖୋଲି ଦେଇଥିଲେ। ବାଲି, ଗୋଡ଼ି ସବୁ ବେଧଡ଼କ୍ ଲୁଟ୍ ହେଉଥିଲା। ରାଜ୍ୟରେ ବିଜେପି ସରକାର ଆସିବା ପରେ ଏଥିରେ ରୋକ୍ ଲାଗିଛି। ଇ-ଅକ୍ସନରେ ଲଘୁ ଖଣିଜ ଲିଜ୍ ଆବଣ୍ଟନ ହେଉଛି। ରାଜ୍ୟରେ ଆଉ ଖଣି, ଖାଦାନ ଲୁଟେରାଙ୍କ କଥା ଶୁଣାଯାଉନି। ଯେଉଁଥିପାଇଁ ୨୦୧୪ରେ ଖଣିରେ ରାଜସ୍ୱ ଆଦାୟ ୫୩୩୫ କୋଟି ଥିବାବେଳେ ୨୦୨୫-୨୬ରେ ୪୧,୧୦୦ କୋଟି ଟଙ୍କା ରାଜ୍ୟସ୍ୱ ଆଦାୟ ହୋଇପାରିଛି। ଆଜି ବିଧାନସଭାରେ ଇସ୍ପାତ ଓ ଖଣି, ବାଣିଜ୍ୟ ଓ ପରିବହନ ବିଭାଗର ଖର୍ଚ୍ଚ ଦାବି ଆଲୋଚନାର ଉତ୍ତର ରଖି ବିଭାଗୀୟ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଏହା କହିଛନ୍ତି। ଏହାସହ ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି ଯେ ଓଡ଼ିଶା ଏବେ ଭାରତର ସର୍ବବୃହତ ଖଣିଜ ଉତ୍ପାଦନକାରୀ ରାଜ୍ୟ ହୋଇଛି। ନିଲାମ ପ୍ରିମିୟମ ଓ ରୟାଲଟି ମାଧ୍ୟମରେ ରାଜ୍ୟର ଖଣି ରାଜସ୍ୱ ପୂର୍ବ ଅପେକ୍ଷା ବହୁଗୁଣିତ ହୋଇଛି। ଖଣି କ୍ଷେତ୍ର ଓଡ଼ିଶା ରାଜ୍ୟର ଆର୍ଥିକ ପ୍ରଗତିର ମେରୁଦଣ୍ଡ ସାଜିଛି। ଆମ ରାଜ୍ୟ କ୍ରୋମାଇଟ, ବକ୍ସାଇଟ, ଲୌହପଥର ଉତ୍ପାଦନରେ ଦେଶରେ ପ୍ରଥମ, କୋଇଲା ଉତ୍ପାଦନରେ ଦ୍ୱିତୀୟ, ମାଙ୍ଗାନିଜ ଉତ୍ପାଦନରେ ତୃତୀୟ ସ୍ଥାନ ହାସଲ କରିଛି। ଓଡ଼ିଶା ଏବେ ଭାରତର ମିନେରାଲ କ୍ୟାପିଟାଲ ହେବା ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ କେବଳ ଏକ ଖଣିଜ ସମ୍ପଦର ଭଣ୍ଡାର ହୋଇ ରହିନାହିଁ ବରଂ ବିଶ୍ୱସ୍ତରୀୟ 'ଭାଲ୍ୟୁ ଆଡେଡ୍' ଶିଳ୍ପ ହବ୍ ଭାବେ ଉଭା ହୋଇଛି। ସେହିପରି ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି ଯେ 'ଗ୍ରିନ୍ ଓଡ଼ିଶା ଇଭି ପଲିସି' ଅଧୀନରେ ଚଳିତ ବର୍ଷ ପାଇଁ ସବ୍‌ସିଡି ବାବଦକୁ ୨୫୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଡ୍ରାଇଭିଂ ଲାଇସେନ୍ସ ପ୍ରଦାନ ପ୍ରକ୍ରିୟାକୁ ସ୍ୱୟଂଚାଳିତ ଯାନ ଚାଳନା ପରୀକ୍ଷା ବ୍ୟବସ୍ଥା କରାଯାଉଛି। ଏବେ ୧୯ଟି ଆଁରଟିଓରେ କାର୍ଯ୍ୟକ୍ଷମ ହୋଇଥିବାବେଳେ ଖୁବ୍ ଶୀଘ୍ର ବାକି ୧୯ଟିରେ ଏହା କାର୍ଯ୍ୟକ୍ଷମ ହେବ। କଟକରେ ସ୍ୱୟଂଚାଳିତ ଫିଟନେସ୍ ଯାଞ୍ଚ ପ୍ରକ୍ରିୟା ହୋଇଥିବାବେଳେ ଖୁବ୍ ଶୀଘ୍ର ୨୧ଟି ସ୍ଥାନରେ ସ୍ଥାପନ କରାଯିବ। ବେସାମରିକ ବିମାନ ଚଳାଚଳ କ୍ଷେତ୍ରର ସାମଗ୍ରିକ ବିକାଶ ପାଇଁ ୭୦୧କୋଟି ଟଙ୍କାର ବରାଦ ହୋଇଥିବାବେଳେ ବିମାନ୍ ଯୋଜନାରେ ପୁରୀ ଓ ପାରାଦୀପରେ ଦୁଇଟି ନୂତନ ଗ୍ରୀନଫିଲ୍ଡ ବିମାନ ବନ୍ଦର, ସତୀଭଟା, ଜମାଦାରପାଲି, ଦାଣ୍ଡବୋଷ, ରାଇସୁଆନ, ତୁସୁରା, ଅମର୍ଦା ରୋଡ଼, ଗୁଡ଼ାରି, ରଙ୍ଗେଇଲୁଣ୍ଡା, ବଡ଼ବିଲ୍ ଏବଂ ଗୋଟମାଠାରେ ବିମାନବନ୍ଦର ନିର୍ମାଣ କରାଯିବ। ବିମାନବନ୍ଦର ଓ ହେଲିପୋର୍ଟ ନିର୍ମାଣ ଓ ନବୀକରଣ ପାଇଁ ୫୧୧.୪୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ନୂତନ ସ୍ଥାନକୁ ବିମାନ ଚଳାଚଳ ବାବଦକୁ ବିମାନ ସେବା ପ୍ରଦାନକାରୀ କମ୍ପାନିଗୁଡ଼ିକୁ ପ୍ରତି ରାଉଣ୍ଡ୍ ଟ୍ରିପ୍ ପିଛା ୫ ରୁ ୧୦ ଲକ୍ଷ ଟଙ୍କାର ଭାୟାବିଲିଟି ଗ୍ୟାପ୍ ଫଣ୍ଡିଂ ଦିଆଯାଉଛି। ଏହି ବର୍ଷ ୧୧ଟି ରୁଟ୍‌ରେ ଭିଜିଏଫ୍ ବାବଦରେ ୧୭୫ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ଆଜି ବିଧାନସଭାରେ ବିରୋଧୀଙ୍କ ହୋହଲ୍ଲା ମଧ୍ୟରେ ଇସ୍ପାତ ଓ ଖଣି ବିଭାଗ ଏବଂ ବାଣିଜ୍ୟ ଓ ପରିବହନ ବିଭାଗର ଖର୍ଚ୍ଚଦାବି ପାରିତ ହୋଇଛି। ବିରୋଧୀ ଏସ୍‌ସିବି ମେଡିକାଲ କଲେଜରେ ରୋଗୀ ମୃତ୍ୟୁ ପ୍ରସଙ୍ଗରେ ଆଲୋଚନା କରିବାକୁ ଦାବି କରୁଥିଲେ ହେଁ ବାଚସ୍ପତି ଦୁଇଟି ବିଭାଗର ଖର୍ଚ୍ଚ ଦାବି ଆଲୋଚନା ଆରମ୍ଭ କରିବାରୁ ବିରୋଧୀ ଆଲୋଚନାରେ ଭାଗ ନନେଇ ଗୃହ ମଧ୍ୟରେ ହୋହଲ୍ଲା କରିଥିଲେ।

## ଆସାମର ଯୋହା ଚାଉଳର ପ୍ରଥମ ରପ୍ତାନି:

# ୟୁକେ ଓ ଇଟାଲିରେ ସୁଗନ୍ଧିତ ଚାଉଳର ନୂଆ ଯାତ୍ରା ଓ କୃଷି ରପ୍ତାନିର ଉଜ୍ଜ୍ୱଳ ସଫଳତା

ଆସାମର ପାରମ୍ପରିକ ସୁଗନ୍ଧି ଚାଉଳ ଯୋହା ଏବେ ଭାରତର କୃଷି ରପ୍ତାନି ଇତିହାସରେ ଏକ ନୂଆ ମାଇଲଖୁଣ୍ଟ ସ୍ଥାପନ କରିଛି। ପ୍ରଥମ ଥର ପାଇଁ ୨୫ ମେଟ୍ରିକ୍ ଟନ୍ ଜିଆଇ-ଟ୍ୟାଗ୍ସ ଯୋହା ଚାଉଳ ଯୁକ୍ତରାଷ୍ଟ୍ର ଓ ଇଟାଲିକୁ ରପ୍ତାନି ହୋଇଛି। ଏହି ଚାଲାଣ ମାର୍ଚ୍ଚ ୧୨, ୨୦୨୬ରେ ଗୁଆହାଟୀରୁ ପଠାଯାଇଛି ଏବଂ କୃଷି ଓ ପ୍ରକ୍ରିୟାକୃତ ଖାଦ୍ୟ ରପ୍ତାନି ବିକାଶ ପ୍ରାଧିକରଣ (ଏପେଡା) ଏହାକୁ ସହଯୋଗରେ ଆସାମ କୃଷି ବିଭାଗ ସହିତ ମିଶି ସମ୍ଭବ କରିଛି। ଏହି ରପ୍ତାନି ସେଫ୍ ଏଗ୍ରିଟ୍ରେଡ୍ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା କରାଯାଇଛି ଏବଂ ଆସାମର କୃଷିମନ୍ତ୍ରୀ ଅତୁଲ ବୋରା ଏହାକୁ ଫ୍ଲାଗ୍ ଅଫ୍ କରିଥିଲେ। ଏହା ଆସାମର କୃଷକମାନଙ୍କ ପାଇଁ ଏକ ବଡ଼ ଆନନ୍ଦର ଖବର କାରଣ ଏହା ବିଦେଶୀ ବଜାରରେ ଆସାମର ପାରମ୍ପରିକ ଚାଉଳର ମାନ୍ୟତା ବଢ଼ାଇବ ଏବଂ କୃଷକଙ୍କ ଆୟ ବୃଦ୍ଧି କରିବ। ଯୋହା ଚାଉଳ ଏକ ସ୍ୱଭାବିକ ସୁଗନ୍ଧିତ ଛୋଟ ଦାନା ଚାଉଳ ଯାହା ଆସାମର ଶୀତ ଋତୁରେ ଚାଷ ହୁଏ ଏବଂ ଏହାର ସୁଗନ୍ଧ, ସୂକ୍ଷ୍ମ ଦାନା ଓ ସ୍ୱାଦ ଏହାକୁ ବିଶେଷ କରିଥାଏ। ୨୦୧୭ରେ ଏହାକୁ ଭୌଗୋଳିକ ସୂଚକ (ଜିଆଇ) ଟ୍ୟାଗ୍ ମିଳିଥିଲା ଯାହା ଏହାର ମୂଳ ଆସାମରେ ରହିଥିବାର ପ୍ରମାଣ ଦେଇଥାଏ ଏବଂ ଏହାର ପ୍ରାମାଣିକତାକୁ ସୁରକ୍ଷିତ ରଖେ। ଏହି ଚାଉଳର ସ୍ୱାସ୍ଥ୍ୟଗତ ଉପକାର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ – ଏହାରେ ଲିନୋଲିକ୍ ଏସିଡ୍ (ଓମେଗା-୬) ଓ ଲିନୋଲେନିକ୍ ଏସିଡ୍ (ଓମେଗା-୩) ଭଳି ଅନିବାର୍ଯ୍ୟ ଫ୍ୟାଟି ଏସିଡ୍ ରହିଛି ଯାହା ହୃଦରୋଗ, ଡାଏବେଟିସ୍ ଓ ଅନ୍ୟାନ୍ୟ ମେଟାବଲିକ୍ ରୋଗରୁ ରକ୍ଷା କରେ। ଏହାର କମ୍ ଗ୍ଲାଇସେମିକ୍ ଇଣ୍ଡେକ୍ସ ଓ ଉଚ୍ଚ ଫାଇବର୍ ଥିବାରୁ ଏହା ଡାଏବେଟିସ୍ ରୋଗୀଙ୍କ ପାଇଁ ଏକ ଉତ୍ତମ ବିକଳ୍ପ ଭାବରେ ବିବେଚନା କରାଯାଉଛି। ବିଜ୍ଞାନୀମାନଙ୍କ



ଅନୁସନ୍ଧାନରେ ଦେଖାଯାଇଛି ଯେ ଏହା ରକ୍ତରେ ଗ୍ଲୁକୋଜ୍ ସ୍ତର କମାଇବାରେ ସହାୟକ ହୁଏ ଏବଂ ଆଣ୍ଟିଅକ୍ସିଡାଣ୍ଟ୍ ଭରପୂର ଥିବାରୁ ଏହାକୁ ଏକ ନ୍ୟୁଟ୍ରାସ୍ୟୁଟିକାଲ୍ ଭାବରେ ଗ୍ରହଣ କରାଯାଇପାରେ। ଏହି ଗୁଣଗୁଡ଼ିକ ଯୋଗୁଁ ଏହା ପ୍ରିମିୟମ୍ ବଜାରରେ ବହୁତ ଲୋକପ୍ରିୟ ହେଉଛି ଏବଂ ସ୍ୱାସ୍ଥ୍ୟ ସଚେତନ ଲୋକଙ୍କ ମଧ୍ୟରେ ଚାହିଦା ବଢୁଛି। ଏପେଡା ଏହି ରପ୍ତାନିକୁ ପ୍ରୋତ୍ସାହନ ଦେବା ପାଇଁ ବହୁତ ପ୍ରୟାସ କରିଛି। ଏହା କୃଷକମାନଙ୍କୁ ପ୍ରଶିକ୍ଷଣ, ଗୁଣବତ୍ତା ନିୟନ୍ତ୍ରଣ, ପ୍ୟାକେଜିଙ୍ଗ୍ ଓ ବଜାର ସଂଯୋଗ ପ୍ରଦାନ କରିଛି। ପୂର୍ବରୁ ଭିଏତନାମକୁ ୧ ମେଟ୍ରିକ୍ ଟନ୍ ଓ ମଧ୍ୟପ୍ରାଚ୍ୟର ୫ଟି ଦେଶକୁ ୨ ମେଟ୍ରିକ୍ ଟନ୍ ରପ୍ତାନି ହୋଇଥିଲା କିନ୍ତୁ ଏହି ୨୫ ମେଟ୍ରିକ୍ ଟନ୍ର ଚାଲାଣ ଏକ ବଡ଼ ପଦକ୍ଷେପ। ଏହା ଆସାମର କୃଷିକୁ ବିଶ୍ୱ ମଞ୍ଚରେ ପ୍ରତିଷ୍ଠିତ କରିବ ଏବଂ ଉତ୍ତର-ପୂର୍ବର କୃଷକମାନଙ୍କୁ ଅଧିକ ଆୟର ସୁଯୋଗ ଦେବ। ଯୋହା ଚାଉଳର ଏହି ସଫଳତା ଭାରତର ପାରମ୍ପରିକ କୃଷି ଉତ୍ପାଦକୁ ବିଦେଶୀ ବଜାରରେ ପ୍ରଚାର କରିବାର ଏକ ଉଦାହରଣ ଏବଂ ଏହା ଆସାମର କୃଷି ବିକାଶରେ ଏକ ନୂଆ ଯୁଗର ଆରମ୍ଭ ହୋଇପାରେ। ଏହି ରପ୍ତାନି ଦେଶର କୃଷି ରପ୍ତାନିକୁ ବୃଦ୍ଧି କରିବା ସହିତ ସ୍ଥାନୀୟ କୃଷକଙ୍କୁ ସଶକ୍ତ କରିବାରେ ସହାୟକ ହେବ ଏବଂ ଭବିଷ୍ୟତରେ ଆହୁରି ଅଧିକ ବଜାରରେ ଯୋହା ଚାଉଳର ଉପସ୍ଥିତି ବଢ଼ାଇବ।





# ବିଟ୍ ରୁଟ୍ ସବୁ ଫାଇଦା

ଶରୀରରେ ରକ୍ତ ଅଭାବ କିମ୍ବା ରକ୍ତହୀନତା କଥା ଆସିଲେ ଲୋକଙ୍କ ମନରେ ପ୍ରଥମେ ବିଟ୍ ରୁଟ୍ ଆସେ । ଡ଼ାକ୍ତରମାନେ ମଧ୍ୟ ଏହାକୁ ରକ୍ତହୀନତା ପାଇଁ ଖାଦ୍ୟରେ ସାମିଲ କରିବାକୁ ପରାମର୍ଶ ଦିଅନ୍ତି । ବିଟ୍ ରୁଟ୍ କେବଳ ଅଳ୍ପ ସମୟ ମଧ୍ୟରେ ହିମୋଗ୍ଲୋବିନ୍ ବୃଦ୍ଧି କରେ ନାହିଁ,ବରଂ ଶରୀରକୁ ଅନେକ ପୋଷକ ତତ୍ତ୍ୱ ମଧ୍ୟ ଯୋଗାଇଥାଏ । ତେବେ ନିୟମିତ ବିଟ୍ ରୁଟ୍ ଖାଇବା ଦ୍ୱାରା ସ୍ୱାସ୍ଥ୍ୟ ପାଇଁ କ'ଣ ଲାଭଦାୟକ ?

ବିଟ୍ ରୁଟରେ ଶରୀର ପାଇଁ ଆବଶ୍ୟକ ଅନେକ ପୋଷକ ତତ୍ତ୍ୱ ଥାଏ। ପ୍ରତିଦିନ ବିଟ୍ ରୁଟ୍ ଖାଇବା ଦ୍ୱାରା ପ୍ରଚୁର ପରିମାଣରେ ଭିଟାମିନ୍ ଏବଂ ଖଣିଜ ପଦାର୍ଥ ମିଳିଥାଏ । ଆପଣଙ୍କୁ ସାରା ଦିନ ଫିଟ୍ ରଖେ ଏବଂ ଅନେକ ରୋଗରୁ ରକ୍ଷା କରେ। ଏକ ଅଧ୍ୟୟନ ଜଣାପଡ଼ିଛି ଯେ, ପୁଷ୍ଟିକର ବିଟ୍‌ରୁଟ୍ ରସରେ ଉଚ୍ଚ ପରିମାଣର ଲୌହ ଥାଏ, ଯାହା ଲାଲ ରକ୍ତ କଣିକାରେ ହିମୋଗ୍ଲୋବିନ୍ ବାନ୍ଧିଥାଏ ଏବଂ ଶରୀରକୁ ଅମ୍ଳଜାନ ଯୋଗାଇଥାଏ,ଯାହା ପିଲା, କିଶୋର ଏବଂ ଗର୍ଭବତୀ ମହିଳାଙ୍କଠାରେ ରକ୍ତହୀନତାର ସମସ୍ୟାକୁ ହ୍ରାସ କରିଥାଏସେହିପରି ବିଟ୍‌ରୁଟ୍ ନାଇଟ୍ରେଟ୍‌ରେ ଭରପୂର, ଯାହା ରକ୍ତବାହୀ ନଳୀରେ ରକ୍ତ ଜମାଟ ଗଠନକୁ ରୋକିଥାଏ।


ବିଟ୍‌ରୁଟ୍ ରସ ରକ୍ତଚାପ ନିୟନ୍ତ୍ରଣ କରିବାରେ ମଧ୍ୟ ସାହାଯ୍ୟ କରି ପାରେ।ବିଟ୍‌ରୁଟ୍‌ରେ ଭିଟାମିନ୍ ସି ଏବଂ ଆଣ୍ଟିଅକ୍ସିଡାଣ୍ଟ ଭରପୂର, ଯାହା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରେ ଏବଂ ଶରୀରକୁ ତୁରନ୍ତ ଶକ୍ତି ପ୍ରଦାନ କରେ। ସେହିପରି ବିଟ୍‌ରୁଟ୍ ମସ୍ତିଷ୍କରେ ରକ୍ତ ସଞ୍ଚାଳନ ବୃଦ୍ଧି କରି ମାନସିକ ସ୍ୱାସ୍ଥ୍ୟ ପାଇଁ ଭଲ ବୋଲି ବିବେଚନା କରାଯାଏ। ଏହା ବୟସ ସହିତ ହେଉଥିବା ଡିମେନ୍ସିଆ ଏବଂ ଅଲଜାଇମର ଭଳି ରୋଗର ଆଶଙ୍କାକୁ ହ୍ରାସ କରେ। ସେହିପରି ଓଜନ ହ୍ରାସ କରିବାକୁ ଚାହୁଁଥିବା ଲୋକଙ୍କ ପାଇଁ ମଧ୍ୟ ବିଟ୍‌ରୁଟ୍‌କୁ ଏକ ଭଲ ଖାଦ୍ୟ ଭାବରେ ବିବେଚନା କରାଯାଏ ।



# ଡାଇବେଟିସ୍ ଫ୍ୟାଟି ଲିଭର୍



ଦୀର୍ଘ ଦିନ ଧରି ଡାଇବେଟିସ୍, ଫ୍ୟାଟି ଲିଭର୍ ଏବଂ ହୃଦରୋଗ ପାଇଁ କେବଳ ଶରୀରର ଓଜନ ବା ଇକ୍ଟୟଚ୍ଚ ଡରସଶକ୍ଷସ୍ଥ କୁ ମୁଖ୍ୟ କାରଣ ଭାବେ ବିବେଚନା କରାଯାଉଥିଲା। ଲୋକମାନଙ୍କୁ ପ୍ରାୟତଃ ପରାମର୍ଶ ଦିଆଯାଏ ଯେ ଓଜନ କମାଇଲେ ଏହି ସମସ୍ୟାଗୁଡିକର ସମାଧାନ ହୋଇଯିବ। କିନ୍ତୁ ଆଧୁନିକ ଗବେଷଣାରୁ ଜଣାପଡିଛି ଯେ, ଏହା ପଛରେ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କାରଣ ରହିଛି, ଯାହା ହେଉଛି 'କ୍ରନିକ୍ ଇନଫ୍ଲାମେସନ୍' ବା ଶରୀର ଭିତରେ ସୃଷ୍ଟି ହେଉଥିବା ପ୍ରଦାହ। ଏହା ଏକ ନୀରବ ଘାତକ ଭଳି କାମ କରେ, ଯାହା ବାହାରକୁ ଅନୁଭବ ହୁଏ ନାହିଁ କିନ୍ତୁ ଧୀରେ ଧୀରେ ଶରୀରର ଚର୍ବି ସଂରକ୍ଷଣ ଏବଂ ରକ୍ତ ସଞ୍ଚାଳନ ପ୍ରକ୍ରିୟାକୁ କ୍ଷତି ପହଞ୍ଚାଇଥାଏ। ଲିଭର୍, ବ୍ଲଡ୍ ସୁଗାର୍ ଏବଂ ହାର୍ଟ ମଧ୍ୟରେ ସମ୍ପର୍କ ଡାକ୍ତରୀ ବିଜ୍ଞାନ ଅନୁଯାୟୀ, ଡାଇବେଟିସ୍, ଫ୍ୟାଟି ଲିଭର୍ ଏବଂ ହୃଦରୋଗ ପରସ୍ପର ସହ ଘନିଷ୍ଠ ଭାବେ ଜଡିତ। ଯେତେବେଳେ ଶରୀର ଆବଶ୍ୟକତାଠାରୁ ଅଧିକ ଶର୍କରା ଓ କ୍ୟାଲୋରୀ ଗ୍ରହଣ କରେ, ଯକୃତ ଏହାକୁ ଚର୍ବିରେ ପରିଣତ କରେ। ସମୟକ୍ରମେ ଏହି ଚର୍ବି ଯକୃତ କୋଷରେ ଜମା ହୋଇ ରବସ୍ଥସ୍ଥଚ୍ଚ ଖସଙ୍ଗରକ୍ସ ରୂପ ନିଏ। ଏକ ଫ୍ୟାଟି ଲିଭର୍ କେବଳ ଚର୍ବି ଜମା କରେ ନାହିଁ, ବରଂ ଶରୀରରେ ଇନଫ୍ଲାମେସନ୍ ସୃଷ୍ଟି କରୁଥିବା ରାସାୟନିକ ସଙ୍କେତ ମଧ୍ୟ ଛାଡିଥାଏ। ଫଳରେ ଇନସୁଲିନ୍ ଠିକ୍ ଭାବେ କାମ କରେ ନାହିଁ ଏବଂ ରକ୍ତରେ ଶର୍କରା ବଢିବା ସହ ଧମନୀ ଗୁଡିକ ଦୁର୍ବଳ ହୋଇ ହୃଦରୋଗ ଆଶଙ୍କା ସୃଷ୍ଟି ହୁଏ।



## ଖାଦ୍ୟପେୟ ଓ ଜୀବନଶୈଳୀର ପ୍ରଭାବ

ଆମର ଖାଦ୍ୟପେୟ ଇନଫ୍ଲାମେସନ୍ ସ୍ତରକୁ ପ୍ରଭାବିତ କରିଥାଏ। ଅତ୍ୟଧିକ ପ୍ରକ୍ରିୟାକୃତ ଖାଦ୍ୟ, ଚିନି, ମଇଦା ଜାତୀୟ ଖାଦ୍ୟ ଏବଂ ମିଠା ପାନୀୟ ଶରୀରରେ ଇନଫ୍ଲାମେସନ୍ ବଢାଇଥାଏ। ଅପରପକ୍ଷରେ, ସବୁଜ ପନିପରିବା, ଡାଲି ଜାତୀୟ ଶସ୍ୟ, ବାଦାମ ଏବଂ ସୁସ୍ଥ ଚର୍ବି (Healthy Fats) ଯୁକ୍ତ ଖାଦ୍ୟ ଶରୀରକୁ ସୁସ୍ଥ ରଖିବାରେ ସାହାଯ୍ୟ କରେ। ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, କେବଳ ମୋଟାପଣ ଥିବା ଲୋକଙ୍କୁ ଯେ ଏହି ରୋଗ ହୁଏ ତାହା ନୁହେଁ। ଦକ୍ଷିଣ ଏସିଆର ଅନେକ ଲୋକଙ୍କର ଓଜନ ସ୍ୱାଭାବିକ ଥିଲେ ମଧ୍ୟ ସେମାନେ ଗରସ୍ଥବଭକ୍ଟକ୍ଷସମ ଐରବକ୍ଷସ୍ଥକ୍ଷ ସମସ୍ୟାର ଶିକାର ହେଉଛନ୍ତି।

## ସୁସ୍ଥ ରହିବାର ସହଜ ଉପାୟ

କେବଳ ଓଜନ କମାଇବା ଉପରେ ଧ୍ୟାନ ନ ଦେଇ ଜୀବନଶୈଳୀରେ କିଛି ଛୋଟ ପରିବର୍ତ୍ତନ ଆଣିବା ଜରୁରୀ। ଏଥିପାଇଁ ଖାଦ୍ୟରେ ଉତ୍ତମ ମାନର ଚକ୍ସକ୍ଟସ୍ଥରସଭ (ଯେପରିକି ଡାଲି, ଅଣ୍ଡା, ସୋୟାବିନ୍) ସାମିଲ କରନ୍ତୁ। ମଇଦା ଓ ଚିନି ଜାତୀୟ ଖାଦ୍ୟ କମ କରନ୍ତୁ ଏବଂ ପ୍ରଚୁର ପରିମାଣରେ ଫାଇବର ଯୁକ୍ତ ଖାଦ୍ୟ ଖାଆନ୍ତୁ। ଏହା ସହିତ ନିୟମିତ ବ୍ୟାୟାମ, ପର୍ଯ୍ୟାପ୍ତ ନିଦ୍ରା ଏବଂ ମାନସିକ ଚାପ ନିୟନ୍ତ୍ରଣ କରିବା ଦ୍ୱାରା ଶରୀରର ମେଟାବୋଲିଜିମ୍ ସୁସ୍ଥ ରହିପାରିବ।






# ମହିଳାମାନେ କେମିତି ରହିବେ ଫିଟ୍



ପ୍ରାୟତଃ ଦେଖାଯାଏ ଯେ ମହିଳାମାନେ ପରିବାରର ଯତ୍ନ ନେବା ଭିତରେ ନିଜ ସ୍ୱାସ୍ଥ୍ୟ ପ୍ରତି ଅବହେଳା କରନ୍ତି। ତେବେ ପୁରୁଷଙ୍କ ତୁଳନାରେ ମହିଳାମାନେ ବୟସ ବଢିବା ସହ ଶୀଘ୍ର ଦୁର୍ବଳ ଅନୁଭବ କରନ୍ତି। ବିଶେଷକରି ୪୦ ବର୍ଷ ବୟସ ପରେ ମହିଳାଙ୍କ ଶରୀରରେ ଅନେକ ପରିବର୍ତ୍ତନ ଆସେ। ମେନୋପଜ୍ କାରଣରୁ ହରମୋନ୍ ଅସନ୍ତୁଳନ ଏବଂ ହାଡ ଦୁର୍ବଳ ହେବା ଭଳି ସମସ୍ୟା ଦେଖାଦିଏ। ଏହି ସମୟରେ ଖାଦ୍ୟପେୟ ଉପରେ ବିଶେଷ ଧ୍ୟାନ ଦେବା ଜରୁରୀ। ବ୍ରିଟେନର ଜଣେ ପୋଷଣ ବିଶେଷଜ୍ଞ ତଥା ଡାଇବେଟିସ୍ ଏଜୁକେଟର ଦୀପଶିଖା ଜୈନ ଏକ ଏମିତି ପରିବା ବିଷୟରେ କହିଛନ୍ତି ଯାହା ୪୦ ପାର୍ କରିଥିବା ମହିଳାଙ୍କ ପାଇଁ କୌଣସି 'ସୁପରଫୁଡ୍' ଠାରୁ କମ୍ ନୁହେଁ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁଯାୟୀ, ୪୦ ବର୍ଷରୁ ଅଧିକ ବୟସର ମହିଳାମାନେ ନିୟମିତ ଭାବରେ ସୋୟାବିନ୍ ଫଳି ବା ଏଡାମାମେ (Edamame) ଖାଇବା ଉଚିତ୍। ସପ୍ତାହକୁ ଅନ୍ତତଃ ୨ ରୁ ୩ ଥର ଏକ କପ୍ ସୋୟାବିନ୍ ଫଳି ଖାଇବା ଦ୍ୱାରା ଶରୀରକୁ ପ୍ରଚୁର ଲାଭ ମିଳିଥାଏ। ଏହାର ସ୍ୱାଦ ମଧ୍ୟ ବହୁତ ଭଲ ଏବଂ ଆପଣ ଏହାକୁ ସାଲାଡ, ସୁପ୍ କିମ୍ବା ତରକାରୀ ଭାବରେ ପ୍ରସ୍ତୁତ କରି ଖାଇ ପାରିବେ।ବୟସ ବଢିବା ସହ ଶରୀରରେ ମାଂସପେଶୀ ଦୁର୍ବଳ ହେବାକୁ ଲାଗେ। ଏଡାମାମେରେ ପ୍ରଚୁର ପରିମାଣରେ ପ୍ଲାଣ୍ଟ ବେସ୍‌ଡ ପ୍ରୋଟିନ୍ ରହିଛି, ଯାହା ମାଂସପେଶୀକୁ ମଜବୁତ କରିବା ସହ ଶରୀରର ରିକଭରୀରେ ସାହାଯ୍ୟ କରେ। ଏଥିରେ ଥିବା କ୍ୟାଲସିୟମ୍ ଏବଂ ମ୍ୟାଗ୍ନେସିୟମ୍ ହାଡକୁ ଶକ୍ତ କରେ। ଏହାଦ୍ୱାରା ବୟସାଧିକ ମହିଳାଙ୍କ ଠାରେ ଦେଖାଯାଉଥିବା ଅଷ୍ଟିଓପୋରୋସିସ୍ (ହାଡ ଫମ୍ପା ହେବା) ଆଶଙ୍କା କମିଥାଏ।







## ବିକଶିତ ଓଡ଼ିଶା ଦିଗରେ ବଡ଼ ପଦକ୍ଷେପ

# ୨୦୨୬-୨୭ ବଜେଟ୍‌ରେ ଗ୍ରାମୀଣ ବିକାଶକୁ ସର୍ବାଧିକ ଗୁରୁତ୍ୱ

ଭୁବନେଶ୍ୱର: ଓଡ଼ିଶାର ଗ୍ରାମାଞ୍ଚଳ ଭିତ୍ତିଭୂମିର ସୁଦୃଢ଼ୀକରଣ ଏବଂ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକର ସଶକ୍ତିକରଣ ପାଇଁ ଚଳିତ ବଜେଟ୍‌ରେ ରାଜ୍ୟ ସରକାର ଅଭୂତପୂର୍ବ ଗୁରୁତ୍ୱ ପ୍ରଦାନ କରିଛନ୍ତି । ବୁଧବାର ସନ୍ଧ୍ୟାରେ ଓଡ଼ିଶା ବିଧାନସଭାର ସମ୍ମିଳନୀ କକ୍ଷରେ ମାନନୀୟ ପଞ୍ଚାୟତିରାଜ ଓ ପାନୀୟ ଜଳ ଏବଂ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାଏକ ବିଭାଗୀୟ ବଜେଟ୍ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପାଇଁ ମୋଟ ୩୪,୧୦୪.୦୬ କୋଟି ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗ ପାଇଁ ମୋଟ ୧୦,୨୦୪.୬୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବା ବେଳେ ଏହି ପ୍ରସ୍ତାବ ଗୃହରେ ପାରିତ ହୋଇଛି । ଏହି ବୃହତ ପାଣ୍ଠି ମାଧ୍ୟମରେ ଗ୍ରାମାଞ୍ଚଳରେ ପାନୀୟ ଜଳ ଯୋଗାଣ, ସଡ଼କ ସଂଯୋଗୀକରଣ ଏବଂ ଜୀବିକା ନିର୍ବାହର ନୂତନ ସୁଯୋଗ ସୃଷ୍ଟି କରାଯିବ ବୋଲି ଆଶା ରଖାଯାଇଛି ।



ଗ୍ରାମାଞ୍ଚଳର ଯୋଗ୍ୟ ହିତାଧିକାରୀଙ୍କୁ ପକ୍କାଘର ଯୋଗାଇଦେବା ପାଇଁ ଆବାସ ଯୋଜନାକୁ ବଜେଟ୍‌ରେ ପ୍ରାଧାନ୍ୟ ଦିଆଯାଇଛି ଓ ଏଥିପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ପାଇଁ ୨,୪୪୫ କୋଟି ଟଙ୍କା, ଅନ୍ତ୍ୟୋଦୟ ଯୋଜନା ପାଇଁ ୨,୦୦୦ କୋଟି ଟଙ୍କା ଏବଂ ପିଏମ୍-ଜନମନ ଯୋଜନା ପାଇଁ ୩୦ କୋଟି ଟଙ୍କା ନିର୍ଦ୍ଧାରିତ କରାଯାଇଛି ଓ ରାଜ୍ୟରେ ଗ୍ରାମୀଣ ନିଯୁକ୍ତି କ୍ଷେତ୍ରରେ ଏକ ବଡ଼ ପରିବର୍ତ୍ତନ ଆଣିବା ପାଇଁ 'ଭିବି-ଜି ରାମ ଜି' ଯୋଜନା ପାଇଁ ୫,୫୭୫ କୋଟି ଟଙ୍କା ରଖାଯାଇଛି । ଏହି ଯୋଜନାରେ ବାର୍ଷିକ ୧୨୫ ଦିନର ନିଶ୍ଚିତ କର୍ମନିଯୁକ୍ତି ସହ ଚାଷ ସମୟରେ ୬୦ ଦିନର ବିରତି ସୁବିଧା ରହିଛି ଓ କାର୍ଯ୍ୟ ଶେଷ ହେବାର ସର୍ବାଧିକ ୧୫ ଦିନ ମଧ୍ୟରେ ମଜୁରୀ ପ୍ରଦାନ କରାଯିବ ଏବଂ କାମ ନମିଳିଲେ ଦୈନିକ ବେକାରୀ ଭତ୍ତାର ବ୍ୟବସ୍ଥା ମଧ୍ୟ କରାଯାଇଛି । ଏହା ସମ୍ପୂର୍ଣ୍ଣ କାର୍ଯ୍ୟକାରୀ ହେବା ପର୍ଯ୍ୟନ୍ତ ମନରେଗା ପାଇଁ ୧,୬୨୬ କୋଟି ଟଙ୍କା ରଖାଯାଇଛି ଓ ଏଥିସହିତ ବଲାଙ୍ଗୀର, ବରଗଡ଼, କଳାହାଣ୍ଡି, ନୂଆପଡ଼ା, ଗଜପତି, କନ୍ଧମାଳ, କୋରାପୁଟ, ନବରଙ୍ଗପୁର ଓ ରାୟଗଡ଼ା ପରି ୯ଟି ଜିଲ୍ଲାର ୩୦ଟି ବ୍ଲକ୍‌ରେ ଦାଦନ ସମସ୍ୟା ରୋକିବା ପାଇଁ ସ୍ୱତନ୍ତ୍ର ଯୋଜନା- 'କର୍ମବର୍ଦ୍ଧିଷ୍ଣୁ ପଦ୍ଧତି ମାଧ୍ୟମରେ ଜୀବିକା ଅଭିବୃଦ୍ଧି' କାର୍ଯ୍ୟକାରୀ କରାଯିବ ଓ ୩୬ ମାସର ଏହି ମିଶନ ପାଇଁ ୨୦୨୬-୨୭ ବର୍ଷରେ ୨୨୦ କୋଟି ଟଙ୍କା ଅନୁମୋଦିତ ହୋଇଛି । ୨୦୨୭ ମାର୍ଚ୍ଚ ସୁଦ୍ଧା ରାଜ୍ୟର ପ୍ରତି ଗ୍ରାମୀଣ ପରିବାରକୁ ଶତ ପ୍ରତିଶତ ପାଇପ୍ ଜଳ ଯୋଗାଇ ଦେବାର ଲକ୍ଷ୍ୟ ମାନନୀୟ ମନ୍ତ୍ରୀ ଶ୍ରୀ ନାଏକ ଦୋହରାଇଥିଲେ ଓ ୧ ମାର୍ଚ୍ଚ ୨୦୨୬ ସୁଦ୍ଧା ୭୭.୧୫ % ପରିବାର ଏହି ସୁବିଧା ପାଇଥିବା ବେଳେ ଚଳିତ ବର୍ଷ ପାଇଁ 'ଜଳ ଜୀବନ ମିଶନ'ରେ ୭,୦୦୦ କୋଟି, 'ବସୁଧା' ଯୋଜନାରେ ୪୯୫ କୋଟି ଏବଂ ଆରପିଡବ୍ଲୁଏସ୍ (**RPWS**) ଯୋଜନା ପାଇଁ ୧,୦୦୦ କୋଟି ଟଙ୍କା ନିର୍ଦ୍ଧାରିତ ହୋଇଛି ଓ ଏଥିସହିତ ନୂତନ 'ମିଶନ ପାୱାର' ଯୋଜନାରେ ୧,୦୦୦ କୋଟି ଟଙ୍କା ବିନିଯୋଗ କରାଯାଇ ୧,୦୪୩ଟି ଅଣ-ସଂଯୋଗୀକୃତ ବସତିକୁ ମୋଟ ୮୯୯୨.୯୭ କି.ମି ସଡ଼କ ଓ ଘାଟ ନିର୍ମାଣ ମାଧ୍ୟମରେ ସଂଯୋଗ କରାଯିବ । ଚଳିତ ବର୍ଷ ଗ୍ରାମ୍ୟ ଉନ୍ନୟନ ବିଭାଗ ୫,୨୦୦ କି.ମି ସଡ଼କ ଓ ୩୦୦ଟି ସେତୁ ନିର୍ମାଣ ଶେଷ କରିବାକୁ ଲକ୍ଷ୍ୟ ରଖିଥିବା ବେଳେ ୯,୭୦୦ କି.ମି ନୂତନ ରାସ୍ତା ଓ ୩୫୦ଟି ନୂତନ ସେତୁ ପ୍ରକଳ୍ପ ହାତକୁ ନେବ । ଏଥିସହିତ ୧୪୨ଟି ନିର୍ବାଚନ ମଣ୍ଡଳୀରେ ରାସ୍ତାର ଉନ୍ନତିକରଣ ପାଇଁ ୧୪୨ କୋଟି ଏବଂ ଦୈବୀଦୁର୍ବିପାକରୋଧି (**Disaster Resilient**) ରାସ୍ତା ପାଇଁ ୮୦ କୋଟି ଟଙ୍କା ବ୍ୟୟବରାଦ ହୋଇଛି । ଆର୍ଥିକ ବର୍ଷ ୨୦୨୬-୨୭ରେ କୋଠାବାଡ଼ି ନିର୍ମାଣ ନିମନ୍ତେ ୧୦୨.୫୦ କୋଟି ଟଙ୍କା ନିର୍ଦ୍ଧାରିତ ହୋଇଛି । ରାଜ୍ୟର ଗ୍ରାମାଞ୍ଚଳକୁ ଆତ୍ମନିର୍ଭରଶୀଳ କରିବା ଏବଂ ବିକାଶର ସୁଫଳ ଶେଷ ଧାଡ଼ିର ମଣିଷ ପାଖରେ ପହଞ୍ଚାଇବା ପାଇଁ ସରକାର ଏହି ବଜେଟ୍‌ରେ ବ୍ୟାପକ ବ୍ୟବସ୍ଥା କରିଛନ୍ତି । 'ସେବା, ସୁବିଧା ଓ ସଶକ୍ତିକରଣ' ମନ୍ତ୍ରକୁ ପାଥେୟ କରି ଗ୍ରାମୀଣ ଓଡ଼ିଶାର ରୂପରେଖ ବଦଳାଇବା ପାଇଁ ବିଭାଗ ସଂକଳ୍ପବଦ୍ଧ ବୋଲି ମାନ୍ୟବର ମନ୍ତ୍ରୀ ଶ୍ରୀ ନାଏକ ପ୍ରକାଶ କରିଛନ୍ତି ।

### ଧାନ କିଣାରେ ଅବ୍ୟବସ୍ଥା:

## ଧାନବସ୍ତା ଧାନ ରଖି ରାସ୍ତା ଅବରୋଧ

ଚମ୍ପୁଆ: ଟ୍ରାକ୍ଟର ଭର୍ତ୍ତି ବସ୍ତାବସ୍ତା ଧାନ ରଖି ରାସ୍ତା ଅବରୋଧ କଲେ ଚାଷୀ। ଫଳରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଟ୍ରାଫିକ ସମସ୍ୟା ଲାଗିରହିଲା। ମଣ୍ଡିରେ ଚାଷୀଙ୍କଠାରୁ ଧାନ ନକିଣିବା ଓ ଧାନକୁ ସିଧାସଳଖ ମିଲ୍‌କୁ ନେବାକୁ ମଣ୍ଡି କର୍ତ୍ତୃପକ୍ଷଙ୍କ ଚାପ ବିରୋଧରେ ଏହି ପ୍ରତିବାଦ ଦେଖିବାକୁ ମିଳିଥିଲା କେନ୍ଦୁଝରଜିଲ୍ଲା ଚମ୍ପୁଆ ବ୍ଲକ୍‌ରେ। ଶତାଧିକ ଚାଷୀ ବ୍ଲକ୍‌ର କରଞ୍ଜିଆ ଲ୍ୟାମ୍ପସ ସମ୍ମୁଖରେ ଧାନବସ୍ତା ରଖି ଧାରଣା ଦେଇଥିଲେ।

ରାସ୍ତାରୋକ ଯୋଗୁଁ ଚମ୍ପୁଆ-ଭଣ୍ଡା ରାସ୍ତାରେ ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ଠପ୍ ହେଇଯାଇଥିଲା। ସମସ୍ୟା ସମାଧାନ ପାଇଁ ଏଆରସିଏସ୍ ମଙ୍ଗଳ ସୋରେନ୍ ପ୍ରତିଶ୍ରୁତି ଦେବାରୁ ଦୀର୍ଘ ୪ ଘଣ୍ଟା ପରେ ରାସ୍ତାରୋକ ହଟିଥିଲା। କରଞ୍ଜିଆ ସରପଞ୍ଚ ସୁପ୍ରିୟା ମୁଣ୍ଡା ଏହାର ନେତୃତ୍ୱ ନେଇଥିଲେ। ଲ୍ୟାମ୍ପସରେ ଧାନ କିଣାରେ ବ୍ୟାପକ ଅବ୍ୟବସ୍ଥା ନେଇ ଅଭିଯୋଗ ହୋଇ ଆସୁଥିଲା। ଠିକ୍ ସମୟରେ ଚାଷୀଙ୍କ ଧାନ ନିଆଯାଉ ନଥିବାରୁ ଦିନଦିନ ଧରି ଚାଷୀମାନେ ଅପେକ୍ଷା କରି ରହୁଥିଲେ। ଏହା ସତ୍ତ୍ୱେ ବି ଧାନକିଣା ବ୍ୟବସ୍ଥିତ ହେଉ ନଥିଲା। ଠିକ୍ ସମୟରେ ମଣ୍ଡି ଖୋଲାଯାଉ ନଥିବା ବେଳେ ଲ୍ୟାମ୍ପସରେ ଚାଷୀଙ୍କ ବଦଳରେ ବେପାରୀଙ୍କ ଧାନ କିଣାକୁ ଅଧିକ ଗୁରୁତ୍ୱ ଦିଆଯାଉଥିବା ଚାଷୀମାନେ ଅଭିଯୋଗ କରିଥିଲେ।

ଧାନ କିଣାରେ ମାସ୍‌କୁ ନେଇ ପ୍ରଶ୍ନ ଉଠିଥିବା ବେଳେ ଚାଷୀମାନେ ଟୋକନ୍ ହିସାବରେ ଧାନ କିଣିବାକୁ ଦାବି କରିଥିଲେ। ରାସ୍ତାରୋକ ଖବର ପାଇ ଚମ୍ପୁଆ ଥାନା ଅଧିକାରୀ ସ୍ୱରୂପ ନାୟକ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିଥିଲେ ହେଁ ଚାଷୀମାନେ ନିଜ ଜିଦ୍‌ରେ ଅଟଳ ରହିଥିଲେ। ନୋଡାଲ ଅଫିସର ସାମଲ ମାରାଣ୍ଡି ଘଟଣାସ୍ଥଳରେ ପହଞ୍ଚି ଥିଲେ। ଟୋକନ ହିସାବରେ ଚାଷୀଙ୍କଠାରୁ ଧାନକିଣା, ସିଧାସଳଖ ମିଲ୍‌ରେ ଧାନ ନଦେଇ ମଣ୍ଡିରେ ଦେବା, କ୍ରମାନ୍ୱୟରେ ଯେତିକି ପରିମାଣର ମାସ୍ ଆସିବ ସେହି ଅନୁସାରେ ଧାନ କିଣିବାକୁ ଦାବି ହୋଇଥିଲା। ଏଥିସହ ଅଧିକ ମାସ୍ ପାଇଁ ଜିଲ୍ଲାପାଳଙ୍କ ସହିତ ଯୋଗାଯୋଗ କରିବାକୁ ଦାବି ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଚମ୍ପୁଆର ଅତିରିକ୍ତ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ, ଆଁଏମ୍‌ସି ସେକ୍ରେଟାରି ଦିଗାମ୍ବର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।




## ଟମାଟୋ ଅଭାବୀ ବିକ୍ରି ଦୂର ପାଇଁ ଭାରତ ମସଲାର ପଦକ୍ଷେପ: ୫୦୦ ମେଟ୍ରିକ୍ ଟନ୍ ବିଲାତି ସଂଗ୍ରହ

କଟକ: ଭାରତ ମସଲା କମ୍ପାନି ଟମାଟୋର ଅଭାବୀ ବିକ୍ରିକୁ ଏଡ଼ାଇବା ପାଇଁ ବଡ଼ ପଦକ୍ଷେପ ନେଇଛି। ଟମାଟୋ ମୂଲ୍ୟରେ ହ୍ରାସ ଏବଂ ବିକ୍ରି ହୋଇପାରୁ ନ ଥିବା ସମସ୍ୟାକୁ ଦୃଷ୍ଟିରେ ରଖି ଓରମାସ୍ ସହାୟତାରେ ଟମାଟୋ କ୍ରୟ ପାଇଁ କମ୍ପାନି ନିଷ୍ପତ୍ତି ନେଇଛି। ଏହା ସହିତ ଦଲାଲଙ୍କ ପ୍ରଭାବରୁ ଚାଷୀଙ୍କୁ ମୁକ୍ତ ରଖିବା ଉଦ୍ଦେଶ୍ୟରେ ଭାରତ ମସଲା କମ୍ପାନି ଚାଷୀଙ୍କଠାରୁ ସିଧାସଳଖ ବିଲାତି କ୍ରୟ କରିବା ପ୍ରକ୍ରିୟା ଆରମ୍ଭ କରିଛି। ଗଞ୍ଜାମ, କଟକ ଓ ଝାରସୁଗୁଡ଼ା ଭଳି ଜିଲ୍ଲାରୁ ଭାରତ ମସଲା କମ୍ପାନି ଏସ୍‌ଏଚ୍‌ଜି ମାଧ୍ୟମରେ ଟମାଟୋ କିଣିଛି। ଏ ପ୍ରସଙ୍ଗରେ କଟକସ୍ଥିତ ଭାରତ ମସଲା କାର୍ଯ୍ୟାଳୟରେ ଅଧ୍ୟକ୍ଷ ସୁରେନ୍ଦ୍ରନାଥ ପଣ୍ଡାଙ୍କ ପୌରୋହିତ୍ୱରେ ଏକ ବୈଠକ ହୋଇଥିଲା। ବୈଠକରେ ଓ୍ମାସ କଟକର ଯୁଗ୍ମ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବିପିନ ରାଉତ ଯୋଗ ଦେଇଥିଲେ। ଏହି ପଦକ୍ଷେପ ଦ୍ୱାରା ଚାଷୀମାନେ ବଜାର ଦର ତୁଳନାରେ ପ୍ରାୟ ୩୫ ପ୍ରତିଶତ ଅଧିକ ଲାଭ କମ୍ପାନିଠାରୁ ପାଇପାରିବେ। ବର୍ତ୍ତମାନ ସୁଦ୍ଧା କଟକର ଆଠଗଡ଼ ଓ ବଡ଼ମ୍ବା କ୍ଲଷ୍ଟରରୁ ୮ ମେଟ୍ରିକ୍ ଟନ୍ ଏବଂ ଗଞ୍ଜାମ ଜିଲ୍ଲାରୁ ୧୯ ମେଟ୍ରିକ୍ ଟନ୍ ଟମାଟୋ କ୍ରୟ କରାଯାଇଛି। ସମ୍ବଲପୁର, ଝାରସୁଗୁଡ଼ା, ଦେବଗଡ଼ ଓ ଗଞ୍ଜାମ ଜିଲ୍ଲାରୁ ପ୍ରାୟ ୫୦୦ ମେଟ୍ରିକ୍ ଟନ୍ ଟମାଟୋ ଓ ସମ୍ବଲପୁରରୁ ୧୫୦ ମେଟ୍ରିକ୍ ଟନ୍, ଝାରସୁଗୁଡ଼ାରୁ ୧୫୦ ମେଟ୍ରିକ୍ ଟନ୍, ଦେବଗଡ଼ରୁ ୧୦୦ ମେଟ୍ରିକ୍ ଟନ୍, ଗଞ୍ଜାମରୁ ୧୦୦ ମେଟ୍ରିକ୍ ଟନ୍ ଶୁଖିଲା ଲଙ୍କା କ୍ରୟ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏ ପ୍ରସଙ୍ଗରେ



କମ୍ପାନିର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା କହିଛନ୍ତି ଯେ ଭାରତ ମସଲା କମ୍ପାନିର କେବଳ ବ୍ୟବସାୟ କରିବା ଲକ୍ଷ୍ୟ ନୁହେଁ। ରାଜ୍ୟର ଚାଷୀ ବଜାରରେ କିଭଳି ସେମାନଙ୍କର ଉତ୍ପାଦକୁ ସହଜରେ ଉପଲବ୍ଧ କରାଇପାରିବେ ଏବଂ ବଜାରକୁ ସୁହାଇଲା ଭଳି ଉନ୍ନତମାନର କୃଷିଜାତ ଦ୍ରବ୍ୟ ପଠାଇ ପାରିବେ ସେଥି ପ୍ରତି କମ୍ପାନି ଧ୍ୟାନ ଦେବ। ଆଗାମୀ ବର୍ଷରେ ଚାଷୀମାନଙ୍କୁ ଉନ୍ନତମାନର ବିହନ ଯୋଗାଇ ଉତ୍ପାଦିତ କୃଷି ଦ୍ରବ୍ୟକୁ ଉପଯୁକ୍ତ ମୂଲ୍ୟ ଦେଇ ସିଧାସଳଖ କିଣିବ। ବର୍ତ୍ତମାନ ଟମାଟୋ ମହଜୁଦ ରଖିଥିବା ଚାଷୀମାନେ ସିଧାସଳଖ ଭାରତ ମସଲା କମ୍ପାନି ସହ ଯୋଗାଯୋଗ କରି ସାମଗ୍ରୀ ଦେଇପାରିବେ ବୋଲି ଶ୍ରୀ ପଣ୍ଡା କହିଛନ୍ତି।

## ଭୂତକୋଠି ପାଲଟିଛି ଶୀତଳଭଣ୍ଡାର

ରାଉରକେଲା: ଚାଷୀଙ୍କ ଉତ୍ପାଦିତ ପନିପରିବାର ଅଭାବୀ ବିକ୍ରି ରୋକିବାକୁ ସୁନ୍ଦରଗଡ଼ର କୁଆରମୁଣ୍ଡା ବ୍ଲକରେ ସ୍ଥାପନ ହୋଇଥିଲା ରାଜ୍ୟର ଦ୍ୱିତୀୟ ଶୀତଳଭଣ୍ଡାର। ଡାଏରିଫାର୍ମ ପାର୍ଶ୍ୱସ୍ଥ ପ୍ରାୟ ୨ ଏକର ଜାଗାରେ ଉଦ୍ୟାନକୃଷି ବିଭାଗ ପକ୍ଷରୁ କରାଯାଇଥିବା ଶୀତଳଭଣ୍ଡାର ଭୂତକୋଠି ପାଲଟିଛି। ଏଠାରେ ଥିବା ବିଭିନ୍ନ ଯନ୍ତ୍ରପାତିକୁ ଖଣ୍ଡଖଣ୍ଡ କରି କାଟି ଚୋରମାନେ ବିକି ଦେଇଛନ୍ତି। ଗୋଦାମ ଗୃହର ଝରକା, କବାଟ ଏମିତି କି ଟାଇଲ୍ ଚଟାଣକୁ ତାଡ଼ି ନେଇଯାଇଛନ୍ତି। କେବଳ କେତୋଟି ଘର ଭଙ୍ଗାଦଦରା ଅବସ୍ଥାରେ ରହିଛି। ଏହାର ଚତୁଃପାର୍ଶ୍ୱରେ ଘଞ୍ଚଜଙ୍ଗଲ ହୋଇଯାଇଛି। ପାନପୋଷ ଉଦ୍ୟାନକୃଷି ବିଭାଗ ପକ୍ଷରୁ ଏହି ଜାଗାରେ ନୂଆ ଶୀତଳଭଣ୍ଡାର କରିବାକୁ ଅନେକବାର ଯୋଜନା କରାଯାଇଥିଲେ ହେଁ, ତା' ନାଲି ଫିତାତଳେ ଚାପି ହୋଇ ରହିଯାଇଛି। ଗତ ପ୍ରାୟ ୮ ବର୍ଷ ମଧ୍ୟରେ ଜଣେ ପରେ ଜଣେ ସହକାରୀ କୃଷି ଉଦ୍ୟାନ ନିର୍ଦ୍ଦେଶକ ଆସିଛନ୍ତି। କୁଆରମୁଣ୍ଡାର ଶୀତଳଭଣ୍ଡାର ସ୍ଥିତି ବୁଲି ଦେଖିବା ସହ ବିଭାଗୀୟ ଅଧିକାରୀଙ୍କୁ ୧୨ ହଜାର ଟନ୍ କ୍ଷମତା ବିଶିଷ୍ଟ ଶୀତଳଭଣ୍ଡାର ପ୍ରତିଷ୍ଠା କରିବାକୁ ପ୍ରସ୍ତାବ ମଧ୍ୟ ଦେଇଛନ୍ତି। ହେଲେ ଆଜି ପର୍ଯ୍ୟନ୍ତ ସରକାରଙ୍କ ପକ୍ଷରୁ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଦିନ ଥିଲା କୁଆରମୁଣ୍ଡାର ଶୀତଳଭଣ୍ଡାର କେବଳ ସୁନ୍ଦରଗଡ଼ ନୁହେଁ ପଡୋଶୀ ଝାଡ଼ଖଣ୍ଡର ପନିପରିବା ଚାଷ କରୁଥିବା ଶହଶହ ଚାଷୀ ଉପକୃତ ହେଉଥିଲେ। ବିଶେଷ କରି ରାଜ୍ୟ ଓ ବାହାର ରାଜ୍ୟର ଗ୍ରାହକଙ୍କ ପସନ୍ଦ ପାଲଟିଥିବା ନୂଆଗାଁ ପରିବାଚାଷୀଙ୍କ ଶହଶହ ଟନ୍ ପରିବା ଶୀତଳଭଣ୍ଡାରରେ ରଖାଯାଉଥିଲା। ଏଠାରୁ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଛତିଶଗଡ଼ ଏମିତିକି ଆନ୍ଧ୍ରପ୍ରଦେଶ ମଧ୍ୟ ଯାଉଥିଲା। ଶୀତଳଭଣ୍ଡାରଟିଏ ନଥିବାରୁ ନୂଆଗାଁର ଶହଶହ ଚାଷୀ ପ୍ରତିବର୍ଷ ଅଭାବୀବିକ୍ରିର ସମ୍ମୁଖୀନ ହେଉଛନ୍ତି। ଝାଳବୁହା ପରିଶ୍ରମ କରି ହଜାରହଜାର କ୍ୱିଣ୍ଟାଲ ପନିପରିବାର ଉତ୍ପାଦନ କରିଥିଲେ ହେଁ ଉଚିତ ମୂଲ୍ୟ ପାଉନାହାନ୍ତି। ଗତ ୫ ବର୍ଷ ତଳେ ନୂଆଗାଁ ଚାଷୀଙ୍କ ପ୍ରତି ତତ୍ପରତା ଦେଖାଇଥିଲେ ପୂର୍ବ ସରକାର। ଶୀତଳଭଣ୍ଡାର ପାଇଁ ପ୍ରାୟ ୪ ଏକରରୁ ଅଧିକ ଜାଗାରେ ପାଚେରୀ ନିର୍ମାଣ ହେଲା। ହେଲେ ଆଜି ପର୍ଯ୍ୟନ୍ତ ଗୋଦାମ ନିର୍ମାଣ ହେଲାନି କି ଶୀତଳଭଣ୍ଡାର ମେସିନ୍‌ଟିଏ ମଧ୍ୟ ବସିପାରିଲା ନାହିଁ। ଚାଷୀ ଓ ସ୍ଥାନୀୟ ନେତାମାନେ ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ କିଛି ସୁଫଳ ମିଳିଲା ନାହିଁ। ଏହି ପ୍ରକଳ୍ପ ଏବେ କେବଳ ପାଚେରୀରେ ସୀମିତ ରହିଯାଇଛି। ବିଶ୍ରା, ଲାଠିକଟା, କୁଆରମୁଣ୍ଡା, ରାଜଗାଙ୍ଗପୁର ଆଦି ବ୍ଲକର ପନିପରିବା ଚାଷୀମାନଙ୍କୁ ସମଦଶା ଭୋଗିବାକୁ ପଡୁଛି।



# ରାଜ୍ୟ ଖବର



## ଓଡ଼ିଶା ପୋଲିସ୍ ବିଭାଗ ଦ୍ୱାରା ଆୟୋଜିତ ଭାରତୀୟ ନ୍ୟାୟ ସଂହିତା (BNS) ସମ୍ପର୍କିତ ସଚେତନତା ଓ କର୍ମଶାଳା ଏକ ଦୃଷ୍ଟାନ୍ତ।




ଭାରତୀୟ ନ୍ୟାୟ ସଂହିତା ଏବଂ ଭାରତୀୟ ଦଣ୍ଡବିଧି ଆଇନରେ ଏକ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିବା ଲକ୍ଷ୍ୟରେ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୀତ ତିନୋଟି ନୂତନ ଅପରାଧିକ ଆଇନ—ଭାରତୀୟ ନ୍ୟାୟ ସଂହିତା (BNS), ଭାରତୀୟ ନାଗରିକ ସୁରକ୍ଷା ସଂହିତା (BNSS) ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ (BSA) ସମଗ୍ର ଦେଶରେ ଲାଗୁ ହୋଇଛି। ଏହି ପରିପ୍ରେକ୍ଷୀରେ, ଓଡ଼ିଶାର ରାଜଧାନୀ ଭୁବନେଶ୍ୱରଠାରେ ଓଡ଼ିଶା ପୋଲିସ୍ ପକ୍ଷରୁ ଏକ ବିଶେଷ ପ୍ରଶିକ୍ଷଣ ଓ ସଚେତନତା ଅଭିଯାନ ଆରମ୍ଭ କରାଯାଇଛି, ଯାହା ରାଜ୍ୟର ନ୍ୟାୟିକ ବ୍ୟବସ୍ଥାରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି। ଏହାର ମୂଳ ଉଦ୍ଦେଶ୍ୟ ଓ ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ହେଉଛି ପୋଲିସ୍ ଅଧିକାରୀ, ଆଇନଜୀବୀ ଏବଂ ଜନସାଧାରଣଙ୍କୁ ବ୍ରିଟିଶ ଅମଳର ପୁରୁଣା ଆଇନ (IPC) ପରିବର୍ତ୍ତେ ନୂତନ 'ନ୍ୟାୟ ସଂହିତା' ସହ ପରିଚିତ କରାଇବା। ଉପନିବେଶବାଦୀ ମାନସିକତାରୁ ମୁକ୍ତ ହୋଇ ଦଣ୍ଡ ଅପେକ୍ଷା 'ନ୍ୟାୟ' ପ୍ରଦାନ କରିବା ଏହି ନୂତନ ବ୍ୟବସ୍ଥାର ଆଭିମୁଖ୍ୟ।

ପ୍ରଶିକ୍ଷଣ ଓ କାର୍ଯ୍ୟାନ୍ୱୟନ ଓଡ଼ିଶା ପୋଲିସ୍ ବିଭାଗ ପକ୍ଷରୁ ଭୁବନେଶ୍ୱରସ୍ଥିତ ପୋଲିସ ଭବନ ଏବଂ ବିଭିନ୍ନ ଥାନା ସ୍ତରରେ ପ୍ରଶିକ୍ଷଣ ଶିବିରମାନ ଆୟୋଜନ କରାଯାଇଛି। ଏଥିରେ ନୂତନ ଧାରା (Sections) ଗୁଡ଼ିକ ବିଷୟରେ ବିସ୍ତୃତ ଆଲୋଚନା କରାଯାଇଛି। ଏହି କାର୍ଯ୍ୟକ୍ରମରେ ଡିଜିଟାଲାଇଜେସନ ସିଷ୍ଟମ କୁ ପ୍ରାଧାନ୍ୟ ଦିଆଯାଇଛି।ନ୍ୟାୟ ସଂହିତାରେ ଫରେନ୍ସିକ୍ ଯାଞ୍ଚ ଓ ଡିଜିଟାଲ୍ ସାକ୍ଷ୍ୟ ପ୍ରମାଣକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ଓଡ଼ିଶା ପୋଲିସ୍ ଏଥିପାଇଁ ନୂତନ ବୈଷୟିକ ଜ୍ଞାନକୌଶଳ ବ୍ୟବହାର କରିବାକୁ ପ୍ରସ୍ତୁତ ହୋଇଛି।

ଜିରୋ ଏଫ୍.ଆଇ.ଆର୍ (Zero FIR): ବର୍ତ୍ତମାନ ଯେକୌଣସି ବ୍ୟକ୍ତି ନିଜ ଅଞ୍ଚଳ ବାହାରେ ମଧ୍ୟ ଅଭିଯୋଗ ଦାୟର କରିପାରିବେ, ଯାହାକୁ ପୋଲିସ୍ ତୁରନ୍ତ ଗ୍ରହଣ କରିବା ବାଧ୍ୟତାମୂଳକ।

ମହିଳା ଓ ଶିଶୁ ସୁରକ୍ଷା: ଇଘଝ ଅଧୀନରେ ମହିଳା ଓ ଶିଶୁଙ୍କ ବିରୋଧରେ ହେଉଥିବା ଅପରାଧ ପାଇଁ କଠୋର ଦଣ୍ଡବିଧାନ ଏବଂ ସମୟବଦ୍ଧ ତଦନ୍ତ ପ୍ରକ୍ରିୟା ଉପରେ ଗୁରୁତ୍ୱ ଦିଆଯାଇଛି।

ରାଜଧାନୀ ଭୁବନେଶ୍ୱର ଏହି ପରିବର୍ତ୍ତନର କେନ୍ଦ୍ରବିନ୍ଦୁ ସାଜିଛି। କମିଶନରେଟ୍ ପୋଲିସ୍ ପକ୍ଷରୁ 'ନ୍ୟାୟ ରଥ' ମାଧ୍ୟମରେ ସାଧାରଣ ଲୋକଙ୍କୁ ନୂତନ ଆଇନ ସମ୍ପର୍କରେ ବୁଝାଯାଉଛି। ବିଶେଷକରି, ଇ-ସାକ୍ଷ୍ୟ (e-evidence) ସଂଗ୍ରହ ପାଇଁ ପୋଲିସ୍ କର୍ମଚାରୀଙ୍କୁ ସ୍ୱତନ୍ତ୍ର ଟ୍ୟାବଲେଟ୍ ଓ ସଫ୍ଟୱେର୍ ପ୍ରଦାନ କରାଯାଇଛି। ଏହି ନୂତନ ସଂହିତା ଦ୍ୱାରା ସାଧାରଣ ନାଗରିକଙ୍କୁ କୋର୍ଟ-କଚେରୀ ଚକ୍କରରୁ ମୁକ୍ତି ମିଳିବ ବୋଲି ଆଶା କରାଯାଉଛି। ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ତଦନ୍ତ ଶେଷ କରିବା ଏବଂ ଚାର୍ଜସିଟ୍ ଦାଖଲ କରିବା ବାଧ୍ୟତାମୂଳକ ହୋଇଥିବାରୁ ନ୍ୟାୟ ପ୍ରକ୍ରିୟା ତ୍ୱରାନ୍ୱିତ ହେବ। ଅବଶେଷରେ ଓଡ଼ିଶା ପୋଲିସର ଏହି ଦୃଷ୍ଟାନ୍ତମୂଳକ ପଦକ୍ଷେପ ରାଜ୍ୟରେ ଏକ ସ୍ୱଚ୍ଛ ଓ ପ୍ରଭାବଶାଳୀ ପୋଲିସିଂ ବ୍ୟବସ୍ଥା ଗଠନରେ ସହାୟକ ହେବ। ଭୁବନେଶ୍ୱରରେ ଅନୁଷ୍ଠିତ ଏହି ସମ୍ମିଳନୀ ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପ୍ରମାଣ କରିଛି ଯେ, ଆଇନର ପରିବର୍ତ୍ତନ କେବଳ କାଗଜପତ୍ରରେ ନୁହେଁ, ବରଂ କାର୍ଯ୍ୟକ୍ଷେତ୍ରରେ ମଧ୍ୟ ସଠିକ୍ ଭାବେ ଲାଗୁ କରାଯାଉଛି। ଏହାଦ୍ୱାରା ଓଡ଼ିଶା ପୋଲିସ୍ ଜନସାଧାରଣଙ୍କର ଆସ୍ଥାଭାଜନ ହୋଇ ପାରିବ ବୋଲି ଆଶା କରାଯାଉଛି।

### ଆରବିଆଇର ଓପନ ମାର୍କେଟ ଅପରେସନ

## ବ୍ୟାଙ୍କିଂ ବ୍ୟବସ୍ଥାରେ ନଗଦ ପ୍ରବାହ ବୃଦ୍ଧି ପାଇଁ ୧ ଲକ୍ଷ କୋଟି ଟଙ୍କାର ସରକାରୀ ସିକ୍ୟୁରିଟି କ୍ରୟ ଘୋଷଣା

ନୂଆଦିଲ୍ଲୀ: ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ବର୍ତ୍ତମାନର ନଗଦ ପ୍ରବାହ ଓ ଆର୍ଥିକ ସ୍ଥିତି ପର୍ଯ୍ୟାଲୋଚନା କରି ବ୍ୟାଙ୍କିଂ ବ୍ୟବସ୍ଥାରେ ନଗଦ ପ୍ରବାହ ବୃଦ୍ଧି କରିବାକୁ ଓପନ ମାର୍କେଟ ଅପରେସନ (ଓଏମଓ) ଅଧୀନରେ ୧ ଲକ୍ଷ କୋଟି ଟଙ୍କାର ସରକାରୀ ସିକ୍ୟୁରିଟି (ଜି-ସେକ୍) କ୍ରୟ କରିବାକୁ ଘୋଷଣା କରିଛି। ଏହି କାର୍ଯ୍ୟକ୍ରମ ଦୁଇ ଭାଗରେ ହେବ – ପ୍ରଥମ ଭାଗ ୫୦,୦୦୦ କୋଟି ଟଙ୍କାର ମାର୍ଚ୍ଚ ୯, ୨୦୨୬ରେ ଏବଂ ଦ୍ୱିତୀୟ ଭାଗ ଅନ୍ୟ ୫୦,୦୦୦ କୋଟି ଟଙ୍କାର ମାର୍ଚ୍ଚ ୧୩, ୨୦୨୬ରେ ନିଲାମ ମାଧ୍ୟମରେ କରାଯିବ। ଏହା ଦ୍ୱାରା ବ୍ୟାଙ୍କିଂ ବ୍ୟବସ୍ଥାରେ ସ୍ଥାୟୀ ନଗଦ ପ୍ରବାହ ବୃଦ୍ଧି ପାଇବ ଏବଂ ଆଗାମୀ ମାର୍ଚ୍ଚରେ ହେବାକୁ ଥିବା ଅଗ୍ରିମ କର ପରିଶୋଧ (ଆଡଭାନ୍ସ ଟ୍ୟାକ୍ସ ଆଉଟଫ୍ଲୋ) ଓ ଜିଏସଟି ପରିଶୋଧ ଯୋଗୁଁ ହେବାକୁ ଥିବା ନଗଦ ଅଭାବକୁ ରୋକାଯିବ।




ଆରବିଆଇ ଏହି ନିଷ୍ପତ୍ତି ନେଇଛି କାରଣ ବର୍ତ୍ତମାନ ବ୍ୟାଙ୍କିଂ ବ୍ୟବସ୍ଥାରେ ନଗଦ ପ୍ରବାହ ସରପ୍ଲସ୍ ଥିଲେ ମଧ୍ୟ ଆଗାମୀ ଦିନରେ ଟ୍ୟାକ୍ସ ପରିଶୋଧ ଯୋଗୁଁ ଏହା କମିଯାଇ ପାରେ। ଏହି ଓଏମଓ କ୍ରୟ ଦ୍ୱାରା ବ୍ୟାଙ୍କଗୁଡ଼ିକୁ ଅଧିକ ନଗଦ ମିଳିବ, ଯାହା ଋଣ ପ୍ରଦାନ, ଆର୍ଥିକ ବୃଦ୍ଧି ଓ ସରକାରୀ ସିକ୍ୟୁରିଟିର ଉପର ଦର (ଯିଲ୍ଡ)କୁ ସ୍ଥିର ରଖିବାରେ ସାହାଯ୍ୟ କରିବ। ମାର୍ଚ୍ଚ ୯ର ନିଲାମରେ ଆରବିଆଇ ୭ଟି ସରକାରୀ ସିକ୍ୟୁରିଟି କିଣିବାକୁ ଯାଉଛି, ଯେପରିକି ୬.୦୧% ଜିଏସ୍ ୨୦୩୦, ୬.୧୦% ଜିଏସ୍ ୨୦୩୧, ୭.୧୮% ଜିଏସ୍ ୨୦୩୩ ଆଦି। ନିଲାମ ବହୁ-ମୂଲ୍ୟ ପଦ୍ଧତିରେ ହେବ ଏବଂ ବିଡ୍ ସମୟ ୯:୩୦ରୁ ୧୦:୩୦ ପର୍ଯ୍ୟନ୍ତ ରହିବ। ଫଳାଫଳ ସେହିଦିନ ଘୋଷଣା ହେବ ଏବଂ ସଫଳ ବିଡ୍‌ଦାତାମାନଙ୍କୁ ମାର୍ଚ୍ଚ ୧୦ ସୁଦ୍ଧା ସିକ୍ୟୁରିଟି ଯୋଗାଇବାକୁ ପଡ଼ିବ। ଏହି ପଦକ୍ଷେପ ଆରବିଆଇର ନଗଦ ପରିଚାଳନା ରଣନୀତିର ଏକ ଅଂଶ, ଯାହା ରେପୋ ରେଟ୍ (ବର୍ତ୍ତମାନ ୫.୨୫%) ସହ ମନି ମାର୍କେଟ ଦରକୁ ସଙ୍ଗତି ରଖିବାକୁ ଲକ୍ଷ୍ୟ ରଖିଛି। ଚଳିତ ବର୍ଷ ଆରମ୍ଭରୁ ଆରବିଆଇ ଓଏମଓ ମାଧ୍ୟମରେ ୨.୫୦ ଲକ୍ଷ କୋଟିରୁ ଅଧିକ ନଗଦ ଇନଜେକ୍ଟ କରିସାରିଛି। ବର୍ତ୍ତମାନ ବ୍ୟାଙ୍କିଂ ବ୍ୟବସ୍ଥାରେ ନଗଦ ସରପ୍ଲସ୍ ପ୍ରାୟ ୨.୪୧ ଲକ୍ଷ କୋଟିରେ ପହଞ୍ଚିଛି (ମାର୍ଚ୍ଚ ୯ର ପ୍ରଥମ ଭାଗ ପରେ)। ଏହି ଓଏମଓ ଦ୍ୱାରା ବ୍ୟାଙ୍କଗୁଡ଼ିକୁ ଅଧିକ ଋଣ ଦେବାର ସୁବିଧା ମିଳିବ, ଆର୍ଥିକ କାର୍ଯ୍ୟକଳାପ ସଚଳ ରହିବ ଏବଂ ସରକାରୀ ସିକ୍ୟୁରିଟିର ଦର ଅଧିକ ବଢ଼ିବାକୁ ରୋକାଯିବ। ଆରବିଆଇ ଏହି ପଦକ୍ଷେପକୁ ଆର୍ଥିକ ସ୍ଥିରତା ଓ ନଗଦ ପରିଚାଳନାର ଏକ ପ୍ରୟାସ ଭାବରେ ଦେଖୁଛି। ଏହା ବ୍ୟାଙ୍କଗୁଡ଼ିକୁ ଆଗାମୀ ଆର୍ଥିକ ବର୍ଷ ଶେଷ ପର୍ଯ୍ୟନ୍ତ ସ୍ଥିରତା ଦେବ ଏବଂ ଋଣ ବୃଦ୍ଧିକୁ ସମର୍ଥନ କରିବ। ଏହି ଘୋଷଣା ଆର୍ଥିକ ବଜାରରେ ସକାରାତ୍ମକ ପ୍ରଭାବ ପକାଇଛି ଏବଂ ବ୍ୟାଙ୍କିଂ ବ୍ୟବସ୍ଥାର ସ୍ଥିରତାକୁ ନିଶ୍ଚିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ।

## ସାହାରା ଜମାକାରୀଙ୍କୁ ୮,୮୦୦ କୋଟି ଟଙ୍କା ପ୍ରଦାନ କରାଯାଇଛି: ଅମିତ ଶାହ

ନୂଆଦିଲ୍ଲୀ: ସହଯୋଗ ମନ୍ତ୍ରୀ ଅମିତ ଶାହ ମଙ୍ଗଳବାର ସଂସଦରେ ସୂଚନା ଦେଇଛନ୍ତି ଯେ ଗତ ମାସ ସୁଦ୍ଧା ସାହାରା ସମବାୟ ଗୋଷ୍ଠୀର ୪୦ ଲକ୍ଷରୁ ଅଧିକ ଜମାକାରୀଙ୍କୁ ୮,୮୦୦ କୋଟି ଟଙ୍କା ପ୍ରଦାନ କରାଯାଇଛି। ଲୋକସଭାରେ ଏକ ଲିଖିତ ଉତ୍ତରରେ ମନ୍ତ୍ରୀ କହିଛନ୍ତି ଯେ ଫେବୃଆରୀ, ୨୦୨୬ ସୁଦ୍ଧା ସିଆରସିଏସ-ସାହାରା ରିଫଣ୍ଡ ପୋର୍ଟାଲରେ ନିବେଶକଙ୍କ ଦ୍ୱାରା ୧.୪୫ କୋଟି ଆବେଦନ ଏବଂ ୪.୦୬ କୋଟି ଦାବି କରାଯାଇଛି। 'ସହାରା ସମବାୟ ଗୋଷ୍ଠୀର ୪୦,୩୩,୪୪୮ ନିବେଶକଙ୍କୁ ୮,୭୮୩.୫୫ କୋଟି ଟଙ୍କା ପ୍ରଦାନ କରାଯାଇଛି,' ଶାହ କହିଛନ୍ତି।ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପାଳନ କରି ରିଫଣ୍ଡ ପ୍ରକ୍ରିୟା କରାଯାଉଛି। 'ପୋର୍ଟାଲରେ ପ୍ରାପ୍ତ ଆବେଦନଗୁଡ଼ିକୁ ସ୍ୱଚ୍ଛ ଭାବରେ ପ୍ରକ୍ରିୟାକରଣ କରାଯାଏ, ସଠିକ୍ ଚିହ୍ନଟ ଏବଂ ସେମାନଙ୍କର ପରିଚୟ ଏବଂ ଜମାର ପ୍ରମାଣ ଦାଖଲ କରି। ପ୍ରକୃତ ଜମାକାରୀଙ୍କ ଆଧାର-ସିଡ୍ ହୋଇଥିବା ବ୍ୟାଙ୍କ ଆକାଉଣ୍ଟରେ ସିଧାସଳଖ ଦେୟ ଜମା କରାଯାଏ,' ଶାହ କହିଛନ୍ତି। ବର୍ତ୍ତମାନ, ସାହାରା ସମବାୟ ସମିତି ଗୋଷ୍ଠୀର ପ୍ରତ୍ୟେକ ପ୍ରକୃତ ଜମାକାରୀଙ୍କୁ ଆଧାର-ସିଡ୍ ହୋଇଥିବା ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ଯାଞ୍ଚ କରାଯାଇଥିବା ଦାବି ବିରୁଦ୍ଧରେ ୫୦,୦୦୦ ଟଙ୍କା ପର୍ଯ୍ୟନ୍ତ ଦେୟ ପ୍ରଦାନ କରାଯାଉଛି। ଆବେଦନରେ କୌଣସି ତ୍ରୁଟି ଥିଲେ ଜମାକାରୀମାନଙ୍କୁ ସେମାନଙ୍କର ଆବେଦନ ପୁନର୍ବାର ଦାଖଲ କରିବାକୁ କୁହାଯାଇଛି। ସୁପ୍ରିମକୋର୍ଟ 'ସହାରା-ସେବି ରିଫଣ୍ଡ ଆକାଉଣ୍ଟ'ରୁ କେନ୍ଦ୍ରୀୟ ସମବାୟ ସମିତି ରେଜିଷ୍ଟ୍ରାରଙ୍କୁ ୫,୦୦୦ କୋଟି ଟଙ୍କାର ଅତିରିକ୍ତ ରାଶି ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଏବଂ ଜମାକାରୀଙ୍କୁ ରିଫଣ୍ଡ ପ୍ରଦାନ ପାଇଁ ୩୧ ଡିସେମ୍ବର, ୨୦୨୬ ପର୍ଯ୍ୟନ୍ତ ସମୟ ବୃଦ୍ଧି କରିଛନ୍ତି।

## ଟଙ୍କା ଦେଉନି ଓଡ଼ିଶା ଖଣି ନିଗମ: ଉଜୁଡ଼ି ଯାଉଛି ସୌନ୍ଦର୍ଯ୍ୟର ବୃକ୍ଷରାଜି

ଭୁବନେଶ୍ୱର: ଟଙ୍କା ପାଇଲେନି ବୋଲି ଗଛର ଯତ୍ନ ନେଲେନି କି ପାଣି ଦେଲେନି। ବୈଜ୍ଞାନିକ ପଦ୍ଧତିରେ ଯେଉଁ ଯତ୍ନ ନିଆଯାଉଥିଲା, ତା' ବି ବନ୍ଦ ହୋଇଗଲା। ଫଳସ୍ୱରୂପ ରାଜଧାନୀ ରାସ୍ତାଘାଟର 'ଶ୍ରୀ' ବୃଦ୍ଧି ପାଇଁ ରାଜମହଲ, ମାଷ୍ଟର କ୍ୟାଣ୍ଟିନ, ଆଚାର୍ଯ୍ୟବିହାର, ବାଣୀବିହାର, ରସୁଲଗଡ଼ ଛକ ମେଡିଆନ୍ ଓ ବିଭିନ୍ନ ଛକର ଗଛ ସବୁ ଗ୍ରୀଷ୍ମପ୍ରବାହରେ ଶୁଖିଯାଇଛି। ଖରାଦିନ ସାଙ୍ଗକୁ ଆଗକୁ ତାତି ବଢୁଥିବାରୁ ଏବେଠୁ ଯଦି ଏକଥା ଚିନ୍ତା କରାନଯାଏ, ସଂପୂର୍ଣ୍ଣ ସୌନ୍ଦର୍ଯ୍ୟ ଉଜୁଡ଼ିଯିବାକୁ ବେଶିଦିନ ଲାଗିବନି। ୨୦୧୬ ମସିହାରେ ସ୍ମାର୍ଟସିଟି ମାନ୍ୟତା ମିଳିବା ପରଠାରୁ ଭୁବନେଶ୍ୱର ରୂପରେଖରେ ଅନେକ ପରିବର୍ତ୍ତନ ଆସିଛି। ୨୦୧୮ ମସିହା ପୁରୁଷ ହକି ବିଶ୍ୱକପ ପୂର୍ବରୁ ରାଜଧାନୀ ଭୁବନେଶ୍ୱର ନୂଆରୂପ ପାଇଥିଲା। ଓଭରବ୍ରିଜ୍, ମେଡିଆନ୍, କାନ୍ଥବାଡ଼ ସବୁ ନୂଆରୂପରେ ଝଲସିଥିଲା। ମେଡିଆନ୍‌ରେ ରାଜ୍ୟ ବାହାରୁ ଓ ବିଦେଶରୁ ମଗାଯାଇଥିବା ଦାମୀ ଗଛ ସବୁ ଶୋଭାବର୍ଦ୍ଧନ କରିଥିଲା। ସଂପୂର୍ଣ୍ଣ ରାଜଧାନୀକୁ ଫୁଲ ଓ ନାନାଦି ଶୋଭାବର୍ଦ୍ଧନକାରୀ ବୃକ୍ଷରେ ସଜ୍ଜିତ କରାଯାଇଥିଲା। ସ୍ୱଳ୍ପ ପାଣିରେ ବଞ୍ଚି ପାରୁଥିବା ଏହି ଗଛ ଧୂଳି ସବୁକୁ ଟାଣି ନେଇ ରାଜଧାନୀର ପ୍ରଦୂଷଣକୁ କମାଉଥିଲା। ଅମ୍ଳଜାନ ବି ଯୋଗାଉଥିଲା। ଶୋଭାବର୍ଦ୍ଧନକାରୀ ଗଛ ଲଗାଯାଇଥିବା ଅଞ୍ଚଳ ସବୁ ଭୁବନେଶ୍ୱର ମହାନଗର ନିଗମର ହୋଇଥିଲେ ବି ରାଜ୍ୟ ସରକାରଙ୍କ ନିଷ୍ପତ୍ତିକ୍ରମେ ପୁରୁଷ ହକି ବିଶ୍ୱ କପ ପରଠାରୁ ଓଡ଼ିଶା ଖଣି ନିଗମ ଏହାର ଖର୍ଚ୍ଚ ବହନ କରୁଥିଲା। କିନ୍ତୁ ୨୦୨୩-୨୪ ନଭେମ୍ବରରୁ ଆଉ ରକ୍ଷଣାବେକ୍ଷଣ ଖର୍ଚ୍ଚ ଦେଉନି ଓଡ଼ିଶା ଖଣି ନିଗମ। ଏଣୁ ଭୁବନେଶ୍ୱର ମହାନଗର ନିଗମ ଉପରେ ବକେୟା ବଢ଼ିଚାଲିଛି। ମିଳିଥିବା ତଥ୍ୟ ମୁତାବକ, ବନ ନିଗମ ୨୦୨୩-୨୪ ଓ ୨୪-୨୫ ଆର୍ଥିକ ବର୍ଷର ୬ କୋଟି ୩୪ଲକ୍ଷ ୩୪ହଜାର ୩୨୯ ଟଙ୍କା ପାଇବାକୁ ଅଛି। କିନ୍ତୁ ଖଣି ନିଗମ ଏହି ଟଙ୍କା ଦେଉ ନଥିବାରୁ ବନ ନିଗମ ଭୁବନେଶ୍ୱର ମହାନଗର ନିଗମକୁ ଚିଠି ଲେଖିଥିଲା। ସେପଟେ ୨୦୨୫ ନଭେମ୍ବରରୁ ୨୦୨୬ ନଭେମ୍ବର ପର୍ଯ୍ୟନ୍ତ ଗଛର ରକ୍ଷଣାବେକ୍ଷଣ ପାଇଁ ବି ୩ କୋଟି ୩୪ଲକ୍ଷ ୪୯ହଜାର ୫୬୦ ଟଙ୍କା ମାଗିଛି। ଭୁବନେଶ୍ୱର ମହାନଗର ନିଗମ ଦୁଇଟି ପର୍ଯ୍ୟାୟରେ ବନ ନିଗମକୁ ଏହି ଟଙ୍କା ଦେବାକୁ ରାଜି ହୋଇଛି। ତଥାପି ନିୟମିତ ପାଣି ଦିଆଯାଉନି କି ବୈଜ୍ଞାନିକ ପଦ୍ଧତିରେ ରକ୍ଷଣାବେକ୍ଷଣ କରାଯାଉନି। ଏ ସଂପର୍କରେ ବିଏମ୍‌ସି ଅତିରିକ୍ତ କମିସନର୍ କୈଳାସ ଚନ୍ଦ୍ର ଦାସ କହିଛନ୍ତି, ଏହି ଗଛର ସବୁରେ କେବଳ ପାଣି ଦିଆଯାଉନି, ବୈଜ୍ଞାନିକ ପଦ୍ଧତିରେ ରକ୍ଷଣାବେକ୍ଷଣ କରାଯାଉଛି। ଓଡ଼ିଶା ବନ ନିଗମ ଏହି କାମ କରୁଥିଲା। ଯାହାର ଖର୍ଚ୍ଚ ଓଡ଼ିଶା ଖଣି ନିଗମ ସିଏସ୍‌ଆର ପାଣ୍ଠିରୁ ବହନ କରୁଥିଲା। କିନ୍ତୁ ଓଡ଼ିଶା ଖଣି ନିଗମ ଆଉ ଟଙ୍କା ଦେଉନି। ଏଣୁ ଆମେ ନୂଆ କମ୍ପାନି ସହ ଆଲୋଚନା କରିଛୁ, ଯେଉଁମାନେ ସିଏସ୍‌ଆର ପାଣ୍ଠି ଖର୍ଚ୍ଚ କରିବାକୁ ରାଜି ଅଛନ୍ତି। ଯେଉଁ ଗଛ ବଞ୍ଚିଛି, ତାର ଯତ୍ନ ନିଆଯିବ। ବାକି ଯେଉଁ ଗଛ ମରିଯାଇଛି, ତା ବଦଳରେ ନୂଆ ଗଛ ସବୁ ଲଗାଯିବ ବୋଲି ଶ୍ରୀ ଦାସ କହିଛନ୍ତି।

Printed and Published by Monalisa Das, on behalf of Nirbhika Ama Samabaya Sambad Publications, Published from
MB - 83, Badagada Brit Colony, Bhubaneswar-751018, Odisha and Email - sambadsamabaya@gmail.com,
Ph. No. (0674) 3522400 Mobile- 8280000007, Printed at Om printers,Mancheswar Industrial Estate, Bhubaneswar - 751010

**Chief Editor: Sirdhartha Roy**
ମୁଖ୍ୟ ସମ୍ପାଦକ – ସିଦ୍ଧାର୍ଥ ରାୟ

**Editor - Monalisa Das**
ସମ୍ପାଦିକା: ମୋନାଲିସା ଦାସ